# ପୋଲିସ ଜୁଲମକୁ ଡଙ୍ଗରିଆଙ୍କ ବିରୋଧ

## ନିୟମଗିରି ପାଦଦେଶରେ ଆଦିବାସୀ ମେଳି

ମୁନିଗୁଡା,୧।୯(ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡ଼ା ପୋଲିସ ନିରୀହ ଆଦିବାସୀଙ୍କୁ ରାସ୍ତାଘାଟରୁ ଉଠାଇନେଇ ନିର୍ଯାତନା ଦେବା ସହ ମିଥ୍ୟା ମାମଲାରେ ଛନ୍ଦି ଜେଲ ପଠାଉଥିବା ଘଟଣାକୁ ନିୟମଗିରି ପାଦଦେଶରେ ଥିବା ଡଙ୍ଗରିଆଙ୍କ ତରଫରୁ ଦୃଢ଼ ବିରୋଧ କରାଯାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ରାୟଗଡ଼ା ଜିଲା ମୁନିଗୁଡା ଥାନା ଅନ୍ତର୍ଗତ ଶକଟା ଗ୍ରାମ ନିକଟରେ ଥିବା ନ୍ୟୁ ହୋପ ହାଉସ୍‌ଠାରେ ଡଙ୍ଗରିଆ ଆଦିବାସୀଙ୍କ ମେଳି ଅନୁଷ୍ଠିତ ହୋଇଯାଇଛି। ଏହି ମେଳିରେ ରାୟଗଡ଼ା ଜିଲାର କଲ୍ୟାଣସିଂହପୁର, ବିଷମକଟକ ଓ ମୁନିଗୁଡ଼ା ବ୍ଲକ ତଥା କଳାହାଣ୍ଡି ଜିଲା ବିଶ୍ୱନାଥପୁର ବ୍ଲକରେ ଥିବା ନିୟମଗିର ପର୍ବତରେ ବସବାସ କରୁଥିବା କୁର୍ଲୀ, ଖମ୍ବେସି, ଶକଟା, ଗାଇଲଙ୍ଗା, ଲାଖପଦର, ଡଙ୍ଗାମାଟି, ଲମା, ଗୁମା, ପାକେରି, ନିରଗୁଣ୍ଡି, ଗରଠା, ଧାମନପଙ୍ଗା, ସୁଟାଗୁଣି ଓ ମଣ୍ଡା ଭଳି ପ୍ରାୟ ୧୧୨ଖଣ୍ଡ ଗ୍ରାମର ୧ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଉକ୍ତ ମେଳିରେ ପୋଲିସ ଜଳ, ଜଙ୍ଗଲ, ଜମି ଓ ପରିବେଶ ପାଇଁ କାମ କରୁଥିବା ନିରୀହ ଲୋକଙ୍କୁ ଜୁଲମ କରୁଥିବା ଅଭିଯୋଗ ଆଣିବା ସହ ଜେଲରେ ଭର୍ତ୍ତି କରିଥିବା ଲୋକଙ୍କୁ ନିର୍ଦ୍ଦୋଷରେ ଖଲାସ ପାଇଁ ଦାବି କରିଛନ୍ତି। ଆଗାମୀ ଦିନରେ ଯଦି ପୋଲିସ ଆଉ କାହାକୁ ଉଠାଇ ନିଏ, ତେବେ ସମସ୍ତେ ଏକଜୁଟ ହୋଇ ଜେଲ୍ ଆଗରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିବା ନିୟମଗିର ସୁରକ୍ଷା ସମିତିର ଯୁବ ସଂଗଠନ ସମ୍ପାଦକ ଦାସୁରୁ କାଡ୍ରାକା କହିଛନ୍ତି । ପୋଲସ କର୍ତ୍ତୃପକ୍ଷଙ୍କୁ ସାହାଯ୍ୟ କରିବାକୁ ଯାଇ ନିରୀହ ଆଦିବାସୀଙ୍କୁ ଏଭଳି ଜୁଲମ କରିବା ଠିକ୍ ନୁହେଁ ବୋଲି ବୈଠକରେ ଉପସ୍ଥିତ ଆଦିବାସୀ ମତ ରଖିଥିଲେ । ବୈଠକରେ ଦାସୁରୁ କାଡ୍ରାକାଙ୍କ ସମେତ ଦଧି ପୁଷିକା, କୁଡୁଞ୍ଜି କୁଟ୍ରୁକା, ଦଧି ସିକ୍‌କା, ସାଇଟ ପୁସିକା, ମାନୁ ସିକକା ସୁବାରାଓ ଟାକ୍ରି ପ୍ରମୁଖ ଉପସ୍ଥିତ ଥିଲେ ।



ଶକଟା ଗ୍ରାମରେ ଡଙ୍ଗରିଆ ଆଦିବାସୀଙ୍କ ମେଳି।

## ସଂକ୍ଷେପରେ

### କଳାକାରଙ୍କ ତାଲିମ ଶିବିର ଉଦ୍‌ଯାପିତ

ରାୟଗଡା,୧।୯(ଭାଗ୍ୟଶ୍ରୀ ମିଶ୍ର)

ଲୋକକଳା ମାଧ୍ୟମରେ ଜନ ସଚେତନତା ସୃଷ୍ଟିକରିବା ପାଇଁ ଜିଲାସ୍ତରୀୟ ସଂସାଧନ ସଭ୍ୟଙ୍କ ୨ ଦିନିଆ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଜିଲା ସଂସ୍କୃତି ଭବନଠାରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ସଂସ୍କୃତି ଅଧିକାରୀ ଜଳନ୍ଧର କର୍ଣ୍ଣିକା, ଆଦିବାସୀ କଳା ସଂସ୍କୃତି ବିଶେଷଜ୍ଞ ପ୍ରଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁ ଏବଂ ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ଜିଲା କଳା ସଂସ୍କୃତି ସଂଘ ଉପ ସଭାପତି ସନ୍ତୋଷ କୁମାର ବଛା, ବ୍ଲକ ଉପ ସଭାପତି ସନ୍ତୋଷ କୁମାର ତାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ । ରାଜ୍ୟ ସରକାରଙ୍କ ପ୍ରଗତିମୂଳକ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ମୁଖ୍ୟତଃ ସରକାରଙ୍କ ମମତା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଫସଲ ବୀମା ଯୋଜନା ଆଦି ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଦୁଇ ଦିନ ଧରି ବିଶଦ ବିବରଣୀ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ବିଭିନ୍ନ ବ୍ଲକରୁ କଳା ସଂସ୍କୃତି ସଂଘ ଉପସଭାପତି ଓ ସଂସାଧନ ସଭ୍ୟମାନେ ପ୍ରଶିକ୍ଷଣ ନେଲା ପରେ ନିଜ ନିଜ ବ୍ଲକ ସଂଘର ଅନ୍ୟ ସଭ୍ୟମାନଙ୍କୁ ତାଲିମ ଦେବେ। ଚଳିତ ମାସ ସେପ୍ଟେମ୍ବର ୧୫ ରୁ ୩୦ ପର୍ଯ୍ୟନ୍ତ ତାଲିମ ପ୍ରାପ୍ତ କଳାକାରମାନେ ପାରମ୍ପରିକ ଲୋକକଳା ମାଧ୍ୟମରେ ପଞ୍ଚାୟତ ତଥା ଗାଁ ଗାଁ ବୁଲି ଲୋକଙ୍କୁ ଲୋକକଳା ମାଧ୍ୟମରେ ସଚେତନ କରିବେ । ଏହି କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ଓ ଜିଲା କଳା ସଂସ୍କୃତି ସଂଘ ଉପ ସଭାପତି ପରିଚାଳନା କରିଥିଲେ।

### ସଟ୍ଟା ଖେଳ ମାମଲା: ୭ ନିର୍ଦ୍ଦୋଷ

ବ୍ରହ୍ମପୁର,୧।୯ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍‌ଏଫସି) ଶିବାନୀ ମିଶ୍ର ଶୁକ୍ରବାର ଏକ ସଟ୍ଟା ଖେଳକୁ ନେଇ ଚାଲିଥିବା ମାମଲାର ରାୟ ପ୍ରକାଶ କରିଛନ୍ତି। ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଘଟଣାର ୧୩ ବର୍ଷ ପରେ ୭ ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୨୦୧୦ ଅଗଷ୍ଟ ୨୫ ତାରିଖରେ ଟାଉନ ଥାନା ଅନ୍ତର୍ଗତ ଦଲୁଆ ସାହି ନିକଟରେ ଥିବା ନିୟୁ ପ୍ଲାଜା ମାର୍କେଟ କମ୍ପ୍ଲେକ୍ସର ୭ନମ୍ବର କୋଠରୀରେ ସଟ୍ଟା ଖେଳ ଚାଲୁଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ଚଢ଼ାଉ କରି ଜୁର ମହାରଣାଙ୍କ ସମେତ ୭ଜଣଙ୍କୁ ଗିରଫ କରିଥିଲା। ସେଠାରୁ ୫ଲକ୍ଷ ୨୧୭ ଟଙ୍କା, ମନିଟର, ସିପିୟୁ, ରାଜାରାଣୀ ଲଟେରୀ ଟିକେଟ ଇତ୍ୟାଦି ଜବତ କରାଯାଇଥିଲା। ମାମଲା ନମ୍ବର ୧୦୭/୧୦ ରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପରେ ସେମାନେ ଜାମିନରେ ମୁକୁଳିଥିଲେ। ପରେ ତତ୍କାଳୀନ ଟାଉନ ଥାନା ଅଧିକାରୀ ତଥା ତଦନ୍ତକାରୀ ଅଧିକାରୀ ଶିବ ଶଙ୍କର ମହାପାତ୍ର କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ କୋର୍ଟରେ ୧୦ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାକୁ ଆଧାର କରି ପ୍ରମାଣ ଅଭାବରୁ ବିଚାରପତି ୭ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରୁଥିଲେ।

# ଡଙ୍ଗରିଆ ଛାତ୍ରୀଛାତ୍ରଙ୍କୁ ସହାୟତା କଲା ପ୍ରଶାସନ

## ଉଚ୍ଚଶିକ୍ଷା ପାଇଁ ଅର୍ଥ ସାଜିଥିଲା ବାଧକ

ବିଷମକଟକ, ୧।୯(ବିଭୂତି ଭୂଷଣ ନାୟକ)

ବିଷମକଟକ ବ୍ଲକସ୍ଥିତ ନିୟମଗିର ପାହାଡ ଉପରେ ଥିବା କ୍ରୁଲି ପଞ୍ଚାୟତରେ ବସବାସ କରୁଥିବା ଦୁଇ ଡଙ୍ଗରିଆ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ପାଇଁ ଅର୍ଥ ବାଧକ ସାଜିଥିଲା। ଡଙ୍ଗରିଆ ଛାତ୍ରୀଛାତ୍ର ଗାୟତ୍ରୀ ୱାଡାକା ଓ କୁଶ ୱାଡାକା ଉଭୟେ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଯୁକ୍ତ୨ ବିଜ୍ଞାନରେ ପାସ୍ କରିବା ପରେ କୃଷି ବିଜ୍ଞାନ ପଢିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ହେଲେ ଅର୍ଥ ଅଭାବରୁ ସେମାନଙ୍କ ପାଠପଢା ଅଧାରେ ଅଟକି ଯାଇଥିଲା । ତେବେ ଜିଲା ପ୍ରଶାସନ ତରଫରୁ ଗାୟତ୍ରୀ ଓ କୁଶଙ୍କ ୪ ବର୍ଷର ପାଠପଢା ଖର୍ଚ୍ଚ ବାବଦକୁ ଜିଲାପାଳ ୨୦ ଲକ୍ଷ ୬୫ ହଜାର ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି ।

ପ୍ରକାଶ ଯେ, ଜୁନ ୮ ତାରିଖ ରେ ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କ ବିଷମକଟକ ଗ୍ରସ୍ତ ସମୟରେ ନିୟମଗିର ଉପରେ ନୂତନ ଇକୋ କଟେଜ୍ ପରିଦର୍ଶନ କରିଥିଲେ। ଏହି ସମୟରେ ଗାୟତ୍ରୀ ୱାଡାକା ପାରମ୍ପରିକ ଡଙ୍ଗରିଆ ପୋଷାକ ପରିଧାନ କରି ସଚିବଙ୍କୁ ସ୍ୱାଗତ କରିବା ସହ ଉଚ୍ଚଶିକ୍ଷା ପାଇଁ ଅର୍ଥ ନ ଥିବା କହିଥିଲେ। ପରେ ଡଙ୍ଗରିଆ ଛାତ୍ରୀ ଗାୟତ୍ରୀ ତାଙ୍କ ପାଠପଢି ଅସୁବିଧା ସମ୍ପର୍କରେ ଡଙ୍ଗରିଆ ଉନ୍ନୟ ପ୍ରକଳ୍ପ ନିର୍ଦ୍ଦେଶକ ଶୁଦ୍ରସନ ପାଢ଼ୀଙ୍କ ଜରିଆରେ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଚିବଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ତରଫରୁ ଗାୟତ୍ରୀ ଓ କୁଶଙ୍କ ପାଠପଢ଼ା ପାଇଁ ୨୦ ଲକ୍ଷ ୬୫ ହଜାର ଅର୍ଥ ମଞ୍ଜୁର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଗାୟତ୍ରୀଙ୍କୁ ୩ ଲକ୍ଷ ୫୦ ହଜାର ଓ କୁଶଙ୍କୁ ୨ ଲକ୍ଷ ୧୧ ହଜାର ୨୫୦ ଟଙ୍କା ପ୍ରଦାନ କରାଯାଇଛି। ଏହି ସମୟରେ ଡିକେଡି ନିର୍ଦ୍ଦେଶକ ଶୁଦ୍ରସନ ପାଢ଼ୀ, ସ୍ୱତନ୍ତ୍ର ଅଧିକାରୀ ଜଗତ ଜୀବନ ବାଗତ୍ରି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, କ୍ରୁଲି ପଞ୍ଚାୟତ ସରପଞ୍ଚ ଶୁବ୍ରଧ୍ୱନି ୱାଡେକାଙ୍କ ଉପସ୍ଥିତ ଥିଲେ। ଗରିବ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ଅର୍ଥ ମଞ୍ଜୁର କରାଯାଇଥିବାରୁ ଉଭୟ ଡଙ୍ଗରିଆ ଛାତ୍ରଛାତ୍ରୀ ଓ ତାଙ୍କ ପରିବାର ମୁଖ୍ୟମନ୍ତ୍ରୀ, ୫-ଟି ସଚିବ ଓ ଜିଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି ।



ଜିଲା ପ୍ରଶାସନ ପକ୍ଷରୁ ଗାୟତ୍ରୀ ୱାଡାକା ଓ କୁଶ ୱାଡାକାଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

# ଆଶାକର୍ମୀଙ୍କୁ ବ୍ୟକ୍ତିଗତ କାର୍ଯ୍ୟ କରିବାକୁ ବାଧ କରୁଛନ୍ତି ସ୍ୱାସ୍ଥ୍ୟକର୍ମୀ

## କାମ ନ କଲେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ

ରାୟଗଡ଼ା,୧।୯ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ଆଶାକର୍ମୀଙ୍କୁ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀମାନେ ସରକାରୀ କାମ ବଦଳରେ ବ୍ୟକ୍ତିଗତ କାର୍ଯ୍ୟ କରିବାକୁ ବାଧ କରୁଛନ୍ତି। ଜୀବନ ବୀମା ପଲିସି କରିବା ଏବଂ ଅନ୍ୟାନ୍ୟ ପ୍ରଡକ୍ଟ ବିକ୍ରି କରିବା ପାଇଁ ବାଧ କରାଯାଉଛି। ଏଭଳି ନ କଲେ ସ୍ୱାସ୍ଥ୍ୟକର୍ମୀ ସେମାନଙ୍କୁ ଦୁର୍ବ୍ୟବହାର କରାଯିବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରାଯାଉଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଶୁକ୍ରବାର ଅଭିଯୋଗ ହୋଇଛି। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ଏଭଳି ଅଭିଯୋଗ କରାଯାଇଛି। ୧୫ ଦିନ ମଧ୍ୟରେ ଏହାର ସମାଧାନ କରିବା ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଲାଲମୋହନ ରାଉତରାୟ ପ୍ରତିଶ୍ରୁତି ଦେଇଛନ୍ତି । ଯଦି ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଆଶାକର୍ମୀ ସଂଘ କାର୍ଯ୍ୟ ବନ୍ଦ କରିବା ସହିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ତାଲା ପକାଇ ଅଚଳ କରାଯିବ ବୋଲି ବିଏମ୍‌ଏସ୍ ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ କହିଛନ୍ତି।

ପ୍ରକାଶ ଯେ, ରାୟଗଡ଼ା ବ୍ଲକ ସାନ ଚାନ୍ଦିଲି ଉପ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ଇନ୍ଦିରା କମଣ୍ଡଳ କାର୍ଯ୍ୟରତ ଆଶାକର୍ମୀଙ୍କୁ ବିଭିନ୍ନ ବ୍ୟକ୍ତିଗତ କାର୍ଯ୍ୟ କରିବାକୁ କହୁଛନ୍ତି। ଯଦି ସେମାନେ ଏହାକୁ ନ କରନ୍ତି ତେବେ ସେମାନଙ୍କୁ ଦୁର୍ବ୍ୟବହାର କରିବା ସହିତ ଅଶାଳୀନ ଭାଷାରେ ଗାଳିଗୁଲଜ କରୁଥିବା ଆଶାକର୍ମୀମାନେ ଅଭିଯୋଗ କରିଛନ୍ତି । ଆଶାକର୍ମୀ ପିଙ୍କି ଛୁରାଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୩ ତାରିଖରେ ଇନ୍ଦିରା ତାଙ୍କୁ ବିଷମକଟକସ୍ଥିତ ତାଙ୍କର ଏକ ବନ୍ଧୁଘରକୁ ବ୍ଲିଚିଂ ପାଉଡର ନେଇ ଦେବାକୁ କହିବାରୁ ପିଙ୍କି ସେହି କାର୍ଯ୍ୟ କରିଥିଲେ। ଏହାପରେ ମଧ୍ୟ ତାଙ୍କୁ ବ୍ଲିଚିଂ ପାଉଡର କମ୍ କାହିଁକି ଦେଇଛୁ କହି ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ । ଅଗଷ୍ଟ ୨୩ ତାରିଖରେ ୨ ଜଣ ରୋଗୀ ଇନ୍ଦିରାଙ୍କୁ ଭେଟିବାକୁ ଉପସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବାରୁ ବିନା ଅନୁମତିରେ ସେମାନଙ୍କୁ କାହିଁକି ପଠେଇଲୁ ବୋଲି ପିଙ୍କିଙ୍କୁ ଗାଳି କରିଥିଲେ । ଏଥିସହିତ ଇନ୍ଦିରାଙ୍କ ସ୍ୱାମୀ ଜୀବନ ବୀମା ଏଜେଣ୍ଟ ଥିବାରୁ ସେ ଆଶାକର୍ମୀମାନଙ୍କୁ ଜୀବନ ବୀମା କରିବାକୁ ବାଧ କରିବା ସହିତ ରୋଗୀମାନଙ୍କୁ ମଧ୍ୟ ଜୀବନବୀମା କରାଇବାକୁ ବାଧ କରୁଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି । ଏହାବ୍ୟତୀତ ଇନ୍ଦିରା ବିଭିନ୍ନ ସମୟରେ ଆଶାକର୍ମୀଙ୍କୁ ନେଟ୍‌ୱର୍କ ପ୍ରଡକ୍ଟ ବିକ୍ରି କରିବାକୁ ବାଧ କରୁଥିବା ଅଭିଯୋଗ କରିଛନ୍ତି । ଏହାବ୍ୟତୀତ ସରକାରୀ କାର୍ଯ୍ୟକ୍ରମ ବିଷୟରେ ଉପଯୁକ୍ତ ସମୟରେ ଅବଗତ ନ କରାଇ ରାତି ଅଧରେ କରୁଥିବା ଆଶାକର୍ମୀମାନେ ଅଭିଯୋଗ କରିଛନ୍ତି । ସ୍ୱାସ୍ଥ୍ୟକର୍ମୀ ଇନ୍ଦିରା କମଣ୍ଡଳ ଏହିଭଳି ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହୁଥିଲେ ମଧ୍ୟ ଉପରିସ୍ଥ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଶୁକ୍ରବାର ସଂଘ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ କରିବାକୁ ବାଧ ହୋଇଛନ୍ତି ।



ବିଏମ୍‌ଏସ୍ ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ ଓ ଆଶାକର୍ମୀମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅଭିଯୋଗପତ୍ର ଦେଉଛନ୍ତି।

# ଆକ୍ରମଣ ଅଭିଯୋଗ: ୬ ଗିରଫ

ବ୍ରହ୍ମପୁର,୧।୯(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ପୋଲିସ ଶୁକ୍ରବାର ଜଣେ ଯୁବ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ୬ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଆଙ୍କୁଲି ଅଞ୍ଚଳର ବିକ୍ରମ ମଣ୍ଡଳ, ଚନ୍ଦନ ନାୟକ, କାହ୍ନୁ ସୁବୁଦ୍ଧି, ଏଲ. ଆଶିଷ କୁମାର ଦାସ, ଗୋପାଳ ନାୟକ ଓ ଲିଟୁ ବଡ଼ ଜେନା। ମାମଲା ନମ୍ବର ୪୧୯/୨୩ ରେ ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆଙ୍କୁଲି ମାଳିସାହିର ସମୀର ମଣ୍ଡଳଙ୍କ ସପ୍ଲାଇଏର୍ସ ଦୋକାନ ରହିଛି। ଗୁରୁବାର ରାତ୍ର ୧୧ଟାରେ ସମୀର ଓ ତାଙ୍କର ଦୁଇ ସାଙ୍ଗ ଉକ୍ତ ଦୋକାନରେ ବସି କୌଣସି ହିସାବ କରୁଥିଲେ। ସେଠାରେ ବିକ୍ରମ ଓ ତାଙ୍କର ସହଯୋଗୀ ପହଞ୍ଚି ଝଗଡା କରିଥିଲେ। ସମୀର ଏହାର ପ୍ରତିବାଦ କରିଥିଲେ। ବିକ୍ରମ ସମୀରଙ୍କୁ ୧୦ହଜାର ଟଙ୍କା ବଟି ମାଗିଥିଲେ। ସେ ଦେବାକୁ ମନା କରିବାରୁ ବିକ୍ରମ ଓ ତାଙ୍କ ସହଯୋଗୀମାନେ ଦୋକାନରେ ପଶି ସମୀରଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ।

# ଭାଗନେଲେ ୩୦୦ କ୍ରୀଡାବିତ୍

## ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନ

ରାୟଗଡା, ୧।୯(ଭାଗ୍ୟଶ୍ରୀ ମିଶ୍ର )

ରାୟଗଡ଼ା ଜିଲାସ୍ତରୀୟ ଦଶମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ହକି, ଭଲିବଲ, ବ୍ୟାଡମିଣ୍ଟନ, ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଓ ଏହି କ୍ରୀଡା ସମ୍ପାଦକ ଭାବେ ଜିସିଡି ଜିଲା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ପଧାନ ଉପସ୍ଥିତ ଥିଲେ। ଜିଲା କ୍ରୀଡ଼ା ମୁଖ୍ୟ ସଚେତକ ହିସାବରେ ମାଟିକଣା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶଶୀଭୂଷଣ ପଟ୍ଟନାୟକ ଓ ଜିଲା ପ୍ରଶାସନ କ୍ରୀଡା ଅଧିକାରୀ ଶେଖ ଅନିଲନୂର୍, ରାୟଗଡ଼ା ବ୍ଲକ ଶିକ୍ଷାଧିକାରୀ ସୁଦୀପ୍ତ କୁମାର, ଶାରୀରିକ ଶିକ୍ଷା ନିରୀକ୍ଷକ ହରିହର ପାତ୍ର ଓ ରାୟଗଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଜିସିଡ଼ି ସ୍କୁଲ ପଡ଼ିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ କାଞ୍ଚନା ସାହୁ ଉପସ୍ଥାପନା କରିଥିଲେ। ଏହି ପ୍ରତିଯୋଗିତାରେ ୩୦୦ କ୍ରୀଡାବିତ୍ ଭାଗନେଇଥିଲେ। ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ୧୩୦ ଊର୍ଦ୍ଧ୍ୱ କୃତୀ ଖେଳାଳି ରାଜ୍ୟସ୍ତରୀୟ କ୍ରୀଡ଼ାରେ ଭାଗ ନେବେ ବୋଲି କୁହାଯାଇଛି। ସେହିପରି ଭଲିବଲ କ୍ରୀଡାରେ ରାୟଗଡ଼ା ଟିମ୍ ବାଲେଶ୍ୱର ଏବଂ ହକି ଓ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭାଗନେବାକୁ ସୁନ୍ଦରଗଡ ଗସ୍ତ କରିବେ ।। ବ୍ୟାଡମିଣ୍ଟନ ଟିମ୍ ବଲାଙ୍ଗୀର ଜିଲା ଗସ୍ତ କରିବେ ବୋଲି ଜଣାଯାଇଛି। ହକି ଓ ହ୍ୟାଣ୍ଡବଲ ପ୍ରଥମ ଥର ରାଜ୍ୟସ୍ତରୀୟ କ୍ରୀଡ଼ାରେ ଭାଗ ନେବାକୁ ଯାଉଛନ୍ତି।

# ମୁନିଗୁଡ଼ାରେ ଡ୍ରାଇଭର ଦିବସ ପାଳିତ

ମୁନିଗୁଡା,୧।୯(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡା ଡ୍ରାଇଭର ସଙ୍ଘ ତରଫରୁ ସ୍ଥାନୀୟ ଭୈରବୀ ମନ୍ଦିର ପରିସରରେ ଶୁକ୍ରବାର ଡ୍ରାଇଭର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁନିଗୁଡା ଡ୍ରାଇଭର ସଙ୍ଘର ସଭାପତି ଶଙ୍କର ଗୁଡୁମ୍ବାକା ଓ ଉପସଭାପତି ବୁଦ୍ଧୁ ଶବରଙ୍କ ମିଳିତ ସଂଯୋଜନାରେ ଏକ ବୈଠକ କରାଯାଇଥିଲା । ବୈଠକରେ ସଂଘର ସଦସ୍ୟମାନେ ଉପସ୍ଥିତ ରହି ଆଗାମୀ ଦିନରେ ସଂଘରେ କିପରି ଆହୁରି ଅଧିକରୁ ଅଧିକ ସଦସ୍ୟ ଗ୍ରହଣ କରି ମଜବୁତ ହେବ ସେ ନେଇ ଆଲୋଚନା ହୋଇଥିଲା । ଏଥିସହ ଓଡିଶା ଡ୍ରାଇଭର ମହାସଂଘ ତରଫରୁ ସରକାରଙ୍କ ନିକଟରେ ଉପସ୍ଥାପନା କରାଯାଇଥିବା ବିଭିନ୍ନ ଦାବିଗୁଡିକ କିପରି କାର୍ଯ୍ୟକାରୀ ହେବ ସେ ନେଇ ଆଲୋଚନା ହୋଇଥିଲା। ମୁନିଗୁଡା ବ୍ଲକର ଡ୍ରାଇଭର ସଂଘ ରାଜ୍ୟ ସଂଘକୁ ସମର୍ଥନ ଜଣାଇବା ସହ ସବୁବେଳେ ସାହାଯ୍ୟ କରିବେ ବୋଲି ଆହ୍ୱାନ ଦିଆଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ରାଜେନ୍ଦ୍ର ଭୋଇ, କୋଷାଧ୍ୟକ୍ଷ ଘନଶ୍ୟାମ ଉର୍ଲାକା, ନୟନ ଗୌଡ଼, ଦୁର୍ଯ୍ୟ ବେହେରା, ଉମାଶଙ୍କର ପଣ୍ଡିତଙ୍କ ସହ ବହୁ ସଂଖ୍ୟାରେ ଡ୍ରାଇଭରମାନେ ଉପସ୍ଥିତ ଥିଲେ । ସେହିପରି ମୁନିଗୁଡା ବ୍ଲକର ଅମ୍ବାଦଳା, ଜଗଦଳପୁର, ପାତ୍ରଗୁଡା, ଶିବପଦର, ତେଲେଙ୍ଗାପଦର, ଆଗୁଳ, କୁମୁଡାବାଲି ସହ ବିଭିନ୍ନ ପଞ୍ଚାୟତରେ ଥିବା ଡ୍ରାଇଭର ସଂଘ ତରଫରୁ ମଧ୍ୟ ଡ୍ରାଇଭର ଦିବସ ପାଳନ କରାଯାଇଥିବା ସଙ୍ଘର ସଭାପତି ଶଙ୍କର ଗୁଡୁମ୍ବାକା ସୂଚନା ଦେଇଛନ୍ତି ।

# ଡ୍ରାଇଭର ଦିବସରେ ଶୋଭାଯାତ୍ରା

ଗୁଡ଼ାରି,୧।୯(ପ୍ରମୋଦ କୁମାର ପତି)

ଗୁଡ଼ାରି ଡ୍ରାଇଭର ମହାସଂଘ ପକ୍ଷରୁ ଶୁକ୍ରବାର ଡ୍ରାଇଭର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଡ୍ରାଇଭର ଭାଇମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବସ୍‌ଷ୍ଟାଣ୍ଡଠାରେ ସଂଘର ଏକ ବୈଠକ କରିଥିଲେ। ଡ୍ରାଇଭର ଏକତା ଓ ଗାଡି ଚାଳନା ସମୟରେ ବିଭିନ୍ନ ପ୍ରକାର ସତର୍କତା ଅବଲମ୍ବନ କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ପରେ ମହାସଂଘ ପକ୍ଷରୁ ରକ୍ତଦାନ ଶିବିର କରାଯାଇ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସଭାପତି ସଦା ମିନାକା, ଉପ ସଭାପତି ସନ୍ତୋଷ ଗୌଡ଼, ସମ୍ପାଦକ ଲକ୍ଷ୍ମୀନାରାୟଣ ଶବର ଏବଂ ଅଞ୍ଚଳର ସମସ୍ତ ଡ୍ରାଇଭର ଭାଇ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଗୁଡ଼ାରି ପୋଲିସ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।





ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିବା ଡ୍ରାଇଭରମାନେ।

# ଜନ୍ମାଷ୍ଟମୀ ଲାଗି କୃଷ୍ଣ ବେଶ ପ୍ରତିଯୋଗିତା

ରାୟଗଡା,୧।୯ ( ଭାଗ୍ୟଶ୍ରୀ ମିଶ୍ର ):

ଜନ୍ମାଷ୍ଟମୀ ଉପଲକ୍ଷେ ରାୟଗଡା ଲେଡିସ କ୍ଲବ୍ ପକ୍ଷରୁ କୁନି କୁନି ସ୍କୁଲ ପିଲାଙ୍କ ମଧ୍ୟରେ କୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାୟଗଡାସ୍ଥିତ ଲାୟନ୍ସ କ୍ଲବ୍‌ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଗାୟତ୍ରୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରିଙ୍ଗ ରୋଡ୍‌ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ଓ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ୧୫ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଲେଡିସ କ୍ଲବ୍ ଉପସଭାପତି ପି.ରଶ୍ମିତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଚାରକ ଭାବେ ଅବସରପ୍ରାପ୍ତ ଡାକ୍ତର ଲକ୍ଷ୍ମୀ ନାରାୟଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗଦୀଶ ଚନ୍ଦ୍ର ଦୋରା ଏବଂ ବରିଷ୍ଠ ଶିକ୍ଷୟତ୍ରୀ ଅଞ୍ଜଳି ଶତପଥୀ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ଛାତ୍ରୀ ସ୍ୱାଗତିକା ଗୌଡ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ରଶି ପ୍ରଧାନ ଦ୍ୱିତୀୟ ଏବଂ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀ ବାବୁଲି ବିନ୍ଧାଣୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିସହ ସମସ୍ତ ପ୍ରତିଯୋଗୀଙ୍କୁ ମଧ୍ୟ ସାନ୍ତ୍ୱନାମୂଳକ ପୁରସ୍କାର ବିତରଣ କରାଯାଇଥିଲା। କ୍ଲବର ସମ୍ପାଦିକା କସ୍ତୁରୀ ସାହୁ,କୋଷାଧ୍ୟକ୍ଷା ସିଏଚ. ଇତିଶ୍ରୀ ପାତ୍ର, ଉପଦେଷ୍ଟା ଅଳକା ଦାସ, ଶାନ୍ତି କୁମାରୀ ଦେବ, ୱାଇ.ଶୈଳଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





ଅତିଥିଙ୍କ ଗହଣରେ କୃଷ୍ଣ ବେଶ ପ୍ରତିଯୋଗିତାରେ ଭାଗ ନେଇଥିବା କୁନି କୁନି ପିଲାମାନେ ।

# ସାମଗ୍ରୀ କିଣା ନାଁରେ ମିଥ୍ୟା ବିଲ୍ କରି ଟଙ୍କା ହଡ଼ପ ଅଭିଯୋଗ

## କ୍ରୀଡ଼ା ସାମଗ୍ରୀ ଅନୁଦାନ ହେରଫେର

ରାୟଗଡ଼ା,୧।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ସମସ୍ତ ବିଦ୍ୟାଳୟରେ କ୍ରୀଡ଼ା ସାମଗ୍ରୀ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଜଣାପଡ଼ିଛି । କ୍ରୀଡ଼ା ସାମଗ୍ରୀ କିଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ସ୍ୱତନ୍ତ୍ର ଅନୁଦାନ ଆସୁଛି । ହେଲେ ସାମଗ୍ରୀ କିଣିବା ନାଁରେ ଶିକ୍ଷୟିତ୍ରୀଶିକ୍ଷକମାନେ ବ୍ୟାପକ ରାଶି ହଡ଼ପ କରୁଥିବା ଅଭିଯୋଗ ହେଉଛି। ପ୍ରତିବର୍ଷ ଜିଲାର ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ପାଇଁ ଆସିଥିବା ପ୍ରାୟ ୧ କୋଟି ଟଙ୍କା ହଡ଼ପ ହେଉଥିଲେ ମଧ୍ୟ ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ କରାଯାଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । କ୍ରୀଡ଼ା ସାମଗ୍ରୀ କିଣିବା ପାଇଁ ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ଗତ ୧୮ ତାରିଖରେ ମୋଟ ୧ କୋଟି ୫୪ ଲକ୍ଷ ୨୦ ହଜାର ଟଙ୍କା ବିଦ୍ୟାଳୟ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଛି। ଜିଲାର ଅଧିକାଂଶ ସ୍କୁଲରେ କ୍ରୀଡା ସାମଗ୍ରୀ କିଣା ନ ଯାଇ ମିଥ୍ୟା ବିଲ୍ କରି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ଉଚ୍ଚ ବିଦ୍ୟାଳୟ ପିଛା ୨୫ ହଜାର ଟଙ୍କା ଆକାରରେ ୧୯୩ଟି ଉଚ୍ଚ ବିଦ୍ୟାଳୟକୁ ୪୮ ଲକ୍ଷ ୨୫ହଜାର ଟଙ୍କା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପିଛା ୧୦ ହଜାର ଆକାରରେ ୪୯୪ ଟି ଉଚ୍ଚ ବିଦ୍ୟାଳୟକୁ ୪୯ ଲକ୍ଷ ୪୦ ହଜାର ଟଙ୍କା ଏବଂ ପ୍ରାଥମିକ ବିଦ୍ୟାଳୟ ପିଛା ୫ ହଜାର ଆକାରରେ ୧୧୩୧ଟି ପ୍ରାଥମିକ ବିଦ୍ୟାଳୟକୁ ୫୬ ଲକ୍ଷ ୫୫ ହଜାର ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି । ଅଗଷ୍ଟ ୨୫ ସୁଦ୍ଧା ବିଦ୍ୟାଳୟଗୁଡ଼ିକୁ ଦିଆଯାଇଥିବା ଟଙ୍କାର ୬୦ ପ୍ରତିଶତ ଅର୍ଥ ବିନିଯୋଗ କରିବା ପାଇଁ ମଧ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଥିବା ଜଣାପଡ଼ିଛି । ତେବେ ଛୋଟ ସହରରେ ରହିଥିବା ୧୮୧୮ ଟି ସ୍କୁଲକୁ ୭ ଦିନ ମଧ୍ୟରେ କିଭଳି କ୍ରୀଡ଼ା ସାମଗ୍ରୀ ଆସିବ ସେ ନେଇ ରାଜ୍ୟ କର୍ତ୍ତୃପକ୍ଷ କୌଣସି ଅନୁଧ୍ୟାନ ମଧ୍ୟ କଲେ ନାହିଁ । ଫଳରେ ସମ୍ପୃକ୍ତ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ମିଥ୍ୟା ବିଲ୍ କରି ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। କ୍ୟାରମ, ଭଲିବଲ, ଫୁଟ୍‌ବଲ, ଲୁଡ଼ୋ, ସଟପୁଟ୍, ଡିସ୍କସ ଥ୍ରୋ ଭଳି ବିଭିନ୍ନ କ୍ରୀଡ଼ା ସାମଗ୍ରୀ କିଣା ଦର୍ଶାଇ ମିଥ୍ୟା ବିଲ୍ କରାଯାଇଛି । ଏପରିକି ଏହା ପଛରେ ବିଭାଗର କେତେଜଣ କର୍ତ୍ତୃପକ୍ଷଙ୍କ ହାତ ଥିବା କୁହାଯାଉଛି। ନିର୍ଦ୍ଦିଷ୍ଟ ବ୍ୟସାୟିକ ପ୍ରତିଷ୍ଠାନ ଓ ଦୋକାନରୁ ସାମଗ୍ରୀ କିଣିବାକୁ କୌଣସି ସରକାରୀ ନିର୍ଦ୍ଦେଶ ନ ଥିବା ବେଳେ ନିର୍ଦ୍ଦିଷ୍ଟ ବ୍ୟବସାୟିକ ପ୍ରତିଷ୍ଠାନରୁ ଏହି କ୍ରୀଡ଼ା ସାମଗ୍ରୀ କିଣାଯାଉଛି। ଜିଲାର ସ୍କୁଲଗୁଡ଼ିକରେ ଥିବା କ୍ରୀଡ଼ା ସାମଗ୍ରୀ ଓ ଏହାର ବିଲ୍ ଯାଞ୍ଚ କଲେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ବହୁ ଅଭିଭାବକ ପ୍ରକାଶ କରିଛନ୍ତି । ସେହିପରି ଜିଲାର ଉପାନ୍ତ ଅଞ୍ଚଳର ବିଦ୍ୟାଳୟରେ ଯାଞ୍ଚକଲେ ସାମଗ୍ରୀ ଆଦୌ କିଣା ଯାଇ ନ ଥିବା ଦେଖିବାକୁ ମିଳିବ । ଗତବର୍ଷ ଏଭଳି ଦୁର୍ନୀତି ହୋଇଥିବାବେଳେ କିଛିଦିନ ଚର୍ଚ୍ଚା ପରେ ମାମଲା ଥଣ୍ଡା ପଡ଼ିଯାଇଥିଲା । ତେବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ଅନୁଦାନ ଦେଉଥିବା ବେଳେ ଶିକ୍ଷୟିତ୍ରୀ ଶିକ୍ଷକମାନେ ମିଥ୍ୟା ବିଲ୍ କରି ମାଲାମାଲ ହେଉଥିବା ଚର୍ଚ୍ଚା ଚାଲିଛି । ତେଣୁ ଜିଲା ଶିକ୍ଷା ବିଭାଗ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟିଦେବାକୁ ଅଭିଭାବକ ମହଲରେ ଦାବି ହୋଇଛି । ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ ଏହିଭଳି ଘଟଣା ମୋ ନଜରକୁ ଆସିନାହିଁ ଏବଂ ଯଦି ଏଭଳି କିଛି ଦୁର୍ନୀତି ହୋଇଛି ତେବେ ତଦନ୍ତ କରାଯିବ ବୋଲି କହିଛନ୍ତି । ଏଥିସହ ସମସ୍ତ କ୍ରୀଡ଼ା ସାମଗ୍ରୀ ଯାଞ୍ଚ କରାଯିବା ସହ ଛାତ୍ରୀଛାତ୍ର କିଭଳି କ୍ରୀଡ଼ା ସାମଗ୍ରୀ ବ୍ୟବହାର କରିପାରିବେ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି ।

ଧରିତ୍ରୀ
DHARITRI


**ଗୁଡ଼ିଗୁଆରେ ଅଦାର ମାନବୃଦ୍ଧି ନେଇ ଚାଷୀଙ୍କୁ ପ୍ରଶିକ୍ଷଣ**

ନନ୍ଦପୁର, (ଶଙ୍କର ପୂଜାରୀ)- ଜୈବିକ ଚାଷ ପ୍ରଣାଳୀରେ କିଭଳି ଅଦାର ଅଧିକ ଅମଳ ଓ ମାନବୃଦ୍ଧି ହେବ ସେନେଇ ଗୁଡ଼ିଗୁଆରେ ଚାଷୀଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ୧୦୦ ଏକରରୁ ଊର୍ଦ୍ଧ୍ୱ ଜମିରେ ଅଦା ଚାଷ କରିଥିବା ୨୧ଜଣ ଚାଷୀଙ୍କୁ କ୍ଷେତ୍ର ପରିଦର୍ଶକ ଉତ୍ତମ ସରକାର ପ୍ରଶିକ୍ଷଣ ଦେଇଥିଲେ। ନାଗେଶ୍ୱରୀ ଏଫପିସି ପରିଚାଳକ ଅମିୟ ଦାସ, ବିଓଡି ସଦସ୍ୟ ଜୟସେନ୍ ହନ୍ତାଳ ଉପସ୍ଥିତ ଥିଲେ।



**ସଂକ୍ଷେପରେ**

## ଅନ୍ତଃରାଷ୍ଟ୍ରୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ଦଶମନ୍ତପୁର,୧୯ ( ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନ୍ତଃରାଷ୍ଟ୍ରୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ଜାନି, ସମ୍ମାନିତ ଅତିଥି ରୂପେ ଡାକ୍ତର ସାର୍ଥକ ପଣ୍ଡା, ଡାକ୍ତର ଦିଗ ବିଜୟୀ ସିଂ, ଶ୍ରୀକାନ୍ତ ଦାସ, ଫାର୍ମାସିଷ୍ଟ ସଞ୍ଜୀବ ତ୍ରିପାଠୀ, ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ, ଜିଲା ପରିଷଦ ସଭ୍ୟ ଧନପତି ସାଉନ୍ତା, ୱାର୍ଡସଭ୍ୟମାନେ ଉପସ୍ଥିତ ଥିଲେ। ଏହିଅବସରରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ବୃଦ୍ଧାବୃଦ୍ଧମାନଙ୍କ ନାମ ପଞ୍ଜୀକରଣ କରାଯାଇ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ସେମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

## ପୂର୍ବତନ ବିଜେଡି ସଭାପତି ମେହେଙ୍ଗା ସିଂଙ୍କ ପରଲୋକ

ମାଲକାନଗିରି,୧୯
(ନୃସିଂହ ଚରଣ ମହାନ୍ତି)



ପୂର୍ବତନ ବିଜେଡି ସଭାପତି ମେହେଙ୍ଗା ସିଂଙ୍କ ଶୁକ୍ରବାର ପରଲୋକ ହୋଇଛି। ଦୀର୍ଘଦିନ ଧରି ସେ ଅସୁସ୍ଥ ଥିଲେ। ତାଙ୍କ ଶେଷ ଦର୍ଶନ କରିବା ଲାଗି ମାଲକାନଗିରି ସଦର ଦୁର୍ଗାଗୁଡିସାହିରେ ବେଶ୍ ଭିଡ଼ ଜମିଥିଲା। ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗ ଖବର ପାଇ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ରାଜ୍ୟ ସାଧାରଣ ସମ୍ପାଦକ ତଥା କେସିସି ବ୍ୟାଙ୍କ ସଭାପତି ଈଶ୍ୱର ପାଣିଗ୍ରାହୀ ଶୋକ ପ୍ରକାଶ କରି ଜଣେ ଭଲ ନେତାଙ୍କୁ ଦଳ ହରାଇଲା ବୋଲି କହିଛନ୍ତି। ମେହେଙ୍ଗା ୩।୩।୧୯୪୭ରେ ଜନ୍ମଗ୍ରହଣ କରି ୧୯୬୫ରେ ମାଲକାନଗିରି ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ଆସି ଗୋଟିଯୋଡି ଗ୍ରାମରେ ବସବାସ କରିଥିଲେ। ବ୍ୟବସାୟ ଏବଂ କୃଷି ଥିଲା ତାଙ୍କ ଜୀବିକା। ୧୯୭୭ରେ ସେ ଜନତା ଦଳରେ ଯୋଗଦେଇ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ମେହେଙ୍ଗାଙ୍କ ବରିଷ୍ଠ ନେତୃତ୍ୱ ଓ ଜଣେ ଦକ୍ଷ ସଙ୍ଗଠକ ହେତୁ ସେ ଜନତା ଦଳରୁ ବାରମ୍ବାର ବିଜୟୀ ହେଉଥିଲେ। ସେ ବିଜୁ ପଟ୍ଟନାୟକଙ୍କ ଅତି ଘନିଷ୍ଠ ଥିଲେ। ମାଲକାନଗିରି ଅଞ୍ଚଳର ସମସ୍ତ ବିକାଶମୂଳକ କାର୍ଯ୍ୟ ସେ ବିଜୁ ପଟ୍ଟନାୟକଙ୍କୁ ଜଣାଉଥିଲେ। ସେ ୧୯୯୦ରୁ ୧୯୯୭ ଜନତା ଦଳ ଏବଂ ୧୯୯୭ରୁ ୨୦୦୭ ପର୍ଯ୍ୟନ୍ତ ବିଜୁ ଜନତା ଦଳର ସଭାପତି ଦାୟିତ୍ୱରେ ଥିଲେ। ଶେଷ ପର୍ଯ୍ୟନ୍ତ ମେହେଙ୍ଗା ଦଳ ବଦଳ କରି ନ ଥିଲେ। ତାଙ୍କ ମରଶରୀର ନିକଟରେ ସ୍ତ୍ରୀ ରାଜବନ୍ତ କୌର ଓ ପୁତ୍ର ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗଙ୍କୁ ମିଳୁନି ଟ୍ରାଇ ସାଇକେଲ, ଆଶାବାଡ଼ି ଭରସା



କୋରାପୁଟ,୧୯(ଅମିତାଭ ବେହେରା)

ଜନ୍ମରୁ ପାଖରେ ରହିଛି ଦିବ୍ୟାଙ୍ଗ ପ୍ରମାଣପତ୍ର। ମାତ୍ର ପ୍ରଶାସନର ଅବହେଳା ଯୋଗୁ ମିଳୁନାହିଁ ଟ୍ରାଇ ସାଇକେଲ। ଫଳରେ ଯିବା ଆସିବା ପାଇଁ ଆଶାବାଡ଼ି ସେମାନଙ୍କ ପାଲଟିଛି ଭରସା। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ଟିପାକୁର ପଞ୍ଚାୟତ ପୁରୁଣାପାଣି ଗ୍ରାମର ବିକତା ଖିଲଙ୍କ ପୁଅ କମୁଲୁ(୩୦) କ୍ଷେତ୍ରରେ। କମୁଲୁଙ୍କ ଜନ୍ମରୁ ଗୋଟେ ଗୋଡ଼ ଅକାମୀ ହୋଇଯାଇଛି। ଗୋଟେ ଗୋଡ଼ରେ ବାଡ଼ିକୁ ସାହାରାକରି ଗୋଟେ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଆସିବା କରୁଛନ୍ତି। ତାଙ୍କ ପାଖରେ ୬୦ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ରହିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କୁ ଗୋଟେ ଟ୍ରାଇ ସାଇକେଲ ମିଳିନାହିଁ। ଫଳରେ ନିଜ ଭାଗ୍ୟକୁ ଆଦରି କମୁଲୁ ବାଡ଼ିକୁ ଭରସାକରି ଯିବାଆସିବା କରି ଚଳୁଛନ୍ତି। ଟ୍ରାଇ ସାଇକେଲଟିଏ ମିଳିଲେ ସେ ସହଜରେ ଗୋଟେ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାଆସିବା କରିପାରିବେ ବୋଲି କହିଛନ୍ତି କମଲୁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ କମଲୁଙ୍କୁ ଟ୍ରାଇ ସାଇକେଲଟିଏ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଧାୟକଙ୍କ ଦ୍ୱାରସ୍ଥ ହେଲେ ଜିଲା ଯୋଗାଣ ସହାୟକ

ଜୟପୁର, ୧୯ (ପବନ ପାଣିଗ୍ରାହୀ)



ଯୋଗାଣ ସହାୟକମାନେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ଦାବିପତ୍ର ଦେଉଛନ୍ତି।

କୋରାପୁଟ ଜିଲା ଯୋଗାଣ ସହାୟକ ସଂଘ ୬ଟି ଦାବି ନେଇ କାର୍ଯ୍ୟବନ୍ଦ କରି ଧାରଣା ଦେଇଥିବା ବେଳେ ଏନେଇ ଶୁକ୍ରବାର ସଂଘ କର୍ମକର୍ତ୍ତାମାନେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ଜିଲାର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ସମସ୍ତ ଯୋଗାଣ ସହାୟକ ୧୦ବର୍ଷ ହେଲା ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇ ଆସୁଛନ୍ତି। ପଞ୍ଚାୟତ ଅଧୀନରେ ଥିବା ସମସ୍ତ ହିତାଧିକାରୀଙ୍କୁ ଠିକ୍ ସମୟରେ ପିଡିଏସ୍ ସାମଗ୍ରୀ ସହ ଭଡା ବଣ୍ଟନ କରୁଛନ୍ତି। ସରକାରଙ୍କ ସମସ୍ତ ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗକରି ଆସୁଛନ୍ତି। କରୋନା ମହାମାରୀ ସମୟରେ ମଧ୍ୟ ସେମାନେ ନିଜ କର୍ତ୍ତବ୍ୟ ତୁଲାଇବାରେ ଅବହେଳା କରିନାହାନ୍ତି। ସେମାନେ ପାଉଥିବା ମାସିକ ୬ ହଜାର ଟଙ୍କାରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଏନେଇ ସରକାରଙ୍କୁ ବହୁବାର ଅବଗତ କରାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ବିଧାୟକ ବାହିନୀପତି ସେମାନଙ୍କ ସମସ୍ୟାକୁ ଆଗାମୀ ବିଧାନସଭାରେ ଉପସ୍ଥାପନ କରିବାକୁ ଯୋଗାଣ ସହାୟକମାନେ ନିବେଦନ କରିଥିଲେ। ସେମାନଙ୍କ ଚାକିରି ସ୍ଥାୟିତ୍ୱ ଓ ମାସିକ ଦରମା ୨୫ ହଜାର ଟଙ୍କା ବୃଦ୍ଧି କରିବା, ଯୋଗାଣ ସହାୟକଙ୍କ ନାମରେ ପିଡିଏସ୍ ଲାଇସେନ୍ସ ଦେବା, କାର୍ଯ୍ୟରତ ଅବସ୍ଥାରେ କୌଣସି ଯୋଗାଣ ସହାୟକଙ୍କ ମୃତ୍ୟୁ ଘଟିଲେ ତାଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ଦେବା, ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ଦେବା, ଯୋଗାଣ ସହାୟକଙ୍କୁ ପଞ୍ଚାୟତିରାଜ ବିଭାଗରୁ ନିବୃତ୍ତ କରି ଯୋଗାଣ ବିଭାଗରେ ଅନ୍ତର୍ଭୁକ୍ତ କରିବା, ସେମାନଙ୍କ ପଦବୀକୁ ଆସିଷ୍ଟାଣ୍ଟ ସପ୍ଲାଏ ଇନ୍ସପେକ୍ଟର ନାମରେ ନାମିତ କରିବା, ମାସିକ ପିଡିଏସ୍ ଆବଣ୍ଟନରେ ୨ ପ୍ରତିଶତ ନିଅଣ୍ଟକୁ ଭରଣା କରିବା ଆଦି ସେମାନଙ୍କ ଦାବି ରହିଛି।

# ଦୁଇଦିନିଆ ମହୁଚାଷ ତାଲିମ ଶିବିର ଉଦ୍‌ଯାପିତ



ତାଲିମ ନେଉଥିବା ମହିଳାମାନେ ।

ନନ୍ଦପୁର, ୧୯(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ମିଶନ ଶକ୍ତି ପକ୍ଷରୁ ମହିଳା ଗୋଷ୍ଠୀ ସଦସ୍ୟଙ୍କୁ ନେଇ ଚାଲିଥିବା ୨ ଦିନିଆ ମହୁଚାଷ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଅଳ୍ପ ଖର୍ଚ୍ଚ ଓ ପରିଶ୍ରମ ସହ ପ୍ରକୃତିର ସାଧନକୁ ବିନିଯୋଗ କରି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଏହି ଶିବିର ଚାଲିଥିଲା। ବିଡିଓ ସୁଜିତ ମିଶ୍ର, ବିଏଲ୍‌ସି ବିକ୍ରମ କେଶରୀ ବାରିକ, ବିପିସି ଶ୍ରୀଧର ଜାନି, ବିପିଏମ୍ ବିଚିତ୍ରା ରାଉତ, ଏମବିକେ ଯସ୍ମିନ ଖରା ଓ ମଞ୍ଜୁଲା ସୀସା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ପ୍ରଶିକ୍ଷକ ତଥା ଗୋମତୀ ମହୁ ଉତ୍ପାଦନ କେନ୍ଦ୍ରର ମାଲିକ ନିତାଇ ଚରଣ ଦଳେଇ ୨ ବ୍ଲକର ୪୫ ଜଣ ମହିଳାଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ନନ୍ଦପୁର ଓ ଲମତାପୁଟ ବ୍ଲକ ଅଞ୍ଚଳର ଜଳବାୟୁ ଓ ପ୍ରାକୃତିକ ପ୍ରାଚୁର୍ଯ୍ୟ ମହୁଚାଷ ପାଇଁ ଅନୁକୂଳ ଥିବାରୁ ଏହାର ଉପଯୋଗ କରି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ସମସ୍ତ ସହାୟତା କରିବାକୁ ବ୍ଲକ ମିଶନ ଶକ୍ତି ପକ୍ଷରୁ ବ୍ୟବସ୍ଥା କରାଯିବ ବୋଲି ବିଡିଓ କହିଥିଲେ।

# ଶ୍ରମଦାନ କରି ନିଶାଣିମୁଣ୍ଡା ପାଚେରି, ମଣ୍ଡପ ତିଆରି କଲେ ଗ୍ରାମବାସୀ

ଦଶମନ୍ତପୁର,୧୯ (ଅରବିନ୍ଦ ନାୟକ)

ପ୍ରଶାସନ ନ ଶୁଣିବାରୁ ଗ୍ରାମବାସୀ ଏକାଠି ହୋଇ ନିଶାଣିମୁଣ୍ଡା ପାଚେରି ଓ ଗ୍ରାମ ମଣ୍ଡପ ତିଆରି କରିଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ। ବାରମ୍ବାର ଏ ସମ୍ପର୍କରେ ପ୍ରଶାସନକୁ ଜଣାଇ କିଛି ସୁଫଳ ନ ମିଳିବାରୁ ଗ୍ରାମବାସୀ ଆଉ ପ୍ରଶାସନ ଉପରେ ନିର୍ଭର ନ କରି ନିଜ ପାଇଁ ନିଜେ ନୀତିରେ ନିଶାଣିମୁଣ୍ଡା ପାଚେରି ଓ ଗ୍ରାମମଣ୍ଡପ ତିଆରି ପାଇଁ ଅଣ୍ଟା ଭିଡ଼ିଲେ। ଏନେଇ ସେମାନେ ପରସ୍ପର ଚାନ୍ଦାକରି ୭୦ ହଜାର ଟଙ୍କା ଆଦାୟ କରି ଏହି କାମରେ ବିନିଯୋଗ କରିଥିବା ଜଣାପଡିଛି। ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡ଼ାଗଡ ପଞ୍ଚାୟତର ଲମତାପୁଟ ଗ୍ରାମରେ ୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ସେମାନେ ୧୨ ମାସରେ ୧୩ ପର୍ବ ଗ୍ରାମଦେବୀ ନିଶାଣିମୁଣ୍ଡାଠାରେ ପାଳନ କରନ୍ତି। ସରକାର ପ୍ରତ୍ୟେକ ପଞ୍ଚାୟତକୁ ୫୦ ଲକ୍ଷ ଲେଖାଏ ଟଙ୍କା ଅନୁଦାନ ଦେଉଥିଲେ ମଧ୍ୟ ଏହା ଆମ ଗାଁ ନିଶାଣିମୁଣ୍ଡା ଓ ମଣ୍ଡପ କାର୍ଯ୍ୟରେ ଖର୍ଚ୍ଚ କରାଯାଉନାହିଁ। ବାରମ୍ବାର ଏନେଇ ପଞ୍ଚାୟତ କାର୍ଯ୍ୟାଳୟରେ ଜଣାଇ କିଛି ସୁଫଳ ନ ମିଳିବାରୁ ଆମେ ଏକାଠି ହୋଇ ଚାନ୍ଦା ଆଦାୟକରି ଶ୍ରମଦାନ କରି ଗ୍ରାମଦେବୀଙ୍କ ପାଚେରି ଓ ମଣ୍ଡପ ନିର୍ମାଣ କଲୁ ବୋଲି ଗ୍ରାମର ଗୁପ୍ତ ଚୌଧୁରୀ, ରବୀନ୍ଦ୍ର ଚୌଧୁରୀ, ଲୋକନାଥ ଚୌଧୁରୀ, ପ୍ରତାପ ଚୌଧୁରୀ, ବିଜୟ ଚୌଧୁରୀ କହିଛନ୍ତି।



ଗ୍ରାମ ମଣ୍ଡପ ନିର୍ମାଣ କରୁଥିବା ଗ୍ରାମବାସୀ।

## ବିଜ୍ଞାନ ପ୍ରତିଯୋଗିତା ଲମତାପୁଟର ଆଦିତ୍ୟ ପ୍ରଥମ



ଲମତାପୁଟ, ୧୯(ଭକ୍ତରାମ ବାଙ୍କିଆ)

କୋରାପୁଟ ଜିଲା ଲମତାପୁଟ ବ୍ଲକର ମେସିଙ୍ଗପୁଟସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଆଦିତ୍ୟ ରିହାନ ଖୋସ୍‌ଲା ଜିଲାସ୍ତରୀୟ ବିଜ୍ଞାନ ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ୩୧ ତାରିଖରେ କୋରାପୁଟ ଉଚ୍ଚବିଦ୍ୟାଳୟଠାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଆଦିତ୍ୟ ଏଥିରେ ଅଂଶଗ୍ରହଣକରି ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ଏଥିପାଇଁ ତାଙ୍କୁ ମେସିଙ୍ଗପୁଟ ଆଦର୍ଶ ବିଦ୍ୟାଳୟ ଶିକ୍ଷକ କେଶବ ସିଲ,ସରୋଜ ପାଇକ ଓ ଅଧ୍ୟକ୍ଷ ସାଗର ବେହେରା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମାଙ୍କଡ଼ ଆକ୍ରମଣରେ ୬ ଛାତ୍ରୀଛାତ୍ର ଆହତ

ଦଶମନ୍ତପୁର, ୧୯ (ଅରବିନ୍ଦ ନାୟକ )

**ଚିକିତ୍ସା ପରେ ସମସ୍ତେ ଭଲ ଅଛନ୍ତି: ବ୍ଲକ ସମାଜ ମଙ୍ଗଳ ଅଧିକାରୀ**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ବଦଲିକୁଡୁମା ଗ୍ରାମରେ କେତେକ ମାଙ୍କଡ଼ଙ୍କ ଆକ୍ରମଣରେ ଏଠାରେ ଥିବା ହଷ୍ଟେଲର ଛାତ୍ରୀଛାତ୍ର ଓ ଗ୍ରାମବାସୀ ଆହତ ହୋଇଛନ୍ତି। ଅନ୍ୟ କେଉଁଠାରୁ ଚାଲି ଆସିଥିବା ଏହି ଜଙ୍ଗଲି ମାଙ୍କଡ଼ ୩ ଦିନ ହେଲା ବଦଲିକୁଡୁମା ଗ୍ରାମରେ ଛାତ୍ରୀଛାତ୍ରମାନଙ୍କୁ ଆକ୍ରମଣ କରୁଛି। ମାଙ୍କଡ ଆକ୍ରମଣରେ ବଦଲିକୁଡୁମା ଗ୍ରାମର ଟୋବା ନାୟକ(୭୦),ଟାଟା ଗୌଡ(୧୫), ବାବଲୁ ଖୋସଲା (୧୩), ଲୁଜୀ ଜାନୀ(୧୦), ପୂର୍ଣ୍ଣ ଗୌଡ(୧୫), ଗୀତା ଖୋସ୍‌ଲା ପ୍ରମୁଖ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସେମାନଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ବୋଲି ଡାକ୍ତର ପାର୍ଥ ସାରଥୀ ପଣ୍ଡା କହିଛନ୍ତି। ତେବେ ଖବରପାଇ ବନ ବିଭାଗ କର୍ମଚାରୀ ରାଜୀବ ଲୋଚନ ଖିଲ ଗ୍ରାମରେ ପହଞ୍ଚି ମାଙ୍କଡ଼କୁ ଉଦ୍ଧାର କରି ଅନ୍ୟତ୍ର ଛାଡିଥିବା ଜଣାପଡିଛି। ଆହତ ଛାତ୍ରୀଛାତ୍ରମାନେ ଚିକିତ୍ସା ପରେ ଭଲ ଥିବା ବ୍ଲକ ସମାଜ ମଙ୍ଗଳ ଅଧିକାରୀ ପ୍ରଦୀପ ନାୟକ କହିଛନ୍ତି।

# ଜଙ୍ଗଲ ଜମି ଯୋଜନା ସମ୍ପର୍କିତ ତାଲିମ ଶିବିର

କୋରାପୁଟ,୧୯(ଅମିତାଭ ବେହେରା)

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରଠାରେ ଜଙ୍ଗଲ ଅଧିକାର ସ୍ୱୀକୃତି ଅଧୀନରେ ଥିବା ମୋ ଜଙ୍ଗଲ ଜମି ଯୋଜନା ସମ୍ପର୍କିତ ୨ ଦିନିଆ ତାଲିମ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଛି । ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ଆୟୋଜିତ ଏହି ଶିବିରରେ 'ମୋ ଜଙ୍ଗଲ ଜମି ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ବାଳକୃଷ୍ଣ ସାହୁ, ବିନୟ ଦାସ, ୟୁଏନ୍‌ଡିପିର ବିଶ୍ୱରୂପ ସାହୁ, ଏଫଇଏସ୍‌ର ବି.ବି ପଣ୍ଡା, ବିଜୟ ଟପୋ, ପ୍ରଦୀପ ମିଶ୍ର ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କୁ ତାଲିମ ଦେଇଥିଲେ । ଜିଲା ମଙ୍ଗଳ ଅଧିକାରୀ ସୁନୀଲ ଡାଣ୍ଡିଙ୍କ ସହ ଜିଲାର ସମସ୍ତ ତହସିଲଦାରମାନେ ଉପସ୍ଥିତ ଥିଲେ ।



ତାଲିମ ଶିବିରରେ ଉପସ୍ଥିତ ଅଧିକାରୀମାନେ।

## ଡ୍ରାଇଭର ମହାସଂଘ ପକ୍ଷରୁ ଶୋଭାଯାତ୍ରା

ପଡିଆ, ୧୯(ଭାସ୍କର ରାଓ )

ଡ୍ରାଇଭର ମହାସଂଘ ପକ୍ଷରୁ ଶୁକ୍ରବାର ଡ୍ରାଇଭର ଦିବସ ପାଳିତ ହୋଇଛି। ଡ୍ରାଇଭର ମହାସଂଘ ସଭାପତି ସୁଜିତ ପାଇକଙ୍କ ନେତୃତ୍ୱରେ ଏହା ପାଳନ କରାଯାଇଥିଲା। ଡ୍ରାଇଭରମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଆଜିର ଦିନଟିକୁ ଡ୍ରାଇଭ ଦିବସ ଭାବେ ସରକାରୀ ସ୍ତରରେ ଘୋଷଣା କରିବାକୁ ସେମାନେ ଦାବି କରିଥିଲେ ।

# ବନ୍ଧୁଗାଁରେ ଡ୍ରାଇଭର ଦିବସ ପାଳିତ



ନାରାୟଣପାଟଣା/ବନ୍ଧୁଗାଁ,୧୯
(ରାଜ କିଶୋର ଜେନା)

ସେପ୍ଟେମ୍ବର ୧ରେ ନାରାୟଣପାଟଣାରେ ଡ୍ରାଇଭର ଦିବସ ପାଳିତ ହୋଇଯାଇଛି। ଓଡିଶା ରାଜ୍ୟ ଡ୍ରାଇଭର ମହାସଂଘ ସଭାପତ ପ୍ରଶାନ୍ତ ମଣ୍ଡଳଙ୍କ ତତ୍ତ୍ୱାବଧାନରେ କୋରାପୁଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ୍ରାଇଭର ସଂଘ ସଭାପତି ଦିଲୀପ ଜେନା ଉପସ୍ଥିତ ଥିଲେ। ବ୍ଲକ ଡ୍ରାଇଭର ସଂଘ ସଭପତି ଲକ୍ଷ୍ମୀକାନ୍ତ ମାଝି ଓ ଉପସଭାପତି ସନ୍ତସ ନାଗଙ୍କ ଅଧ୍ୟକ୍ଷତାରେ ଏକ ଶୋଭାଯାତ୍ରା ବାହାରି ବ୍ଲକ ପରିକ୍ରମା କରିଥିଲା। ଶତାଧିକ ଡ୍ରାଇଭର ଏକ ଶୋଭାଯାତ୍ରରେ ସାନସରପଲ୍ଲି ଛକଠାରେ ପହଞ୍ଚି ଲକ୍ଷ୍ମଣନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ୨ ଦାଦନ ଶ୍ରମିକଙ୍କ ମୃତ୍ୟୁ ପରେ ମଧ୍ୟ ପ୍ରଶାସନର ତତ୍ପରତା ନାହିଁ

କୁନ୍ଦୁରା,୧୯(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ମସିଗାଁ ପଞ୍ଚାୟତର ଝଡ଼ଙ୍ଗା ଗ୍ରାମର ସୁନାଧାର ବାଗଦେରିଆ(୨୯) ଓ ଘୁମର ପଞ୍ଚାୟତ ମୁଣ୍ଡିଗୁଡା ଗ୍ରାମର ଭୀଷ୍ମ ସୌରା (୨୩) ଦାଦନ ଖଟିବାକୁ ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲାମ ଅଞ୍ଚଳକୁ ଯାଇଥିଲେ। ସେଠାରେ ଏକ ନଳକୂପ ଖନନ କରୁଥିବା ଟ୍ରକ୍ (ଏପି୨୪ ଏଏକ୍ସ-୬୯୬୯) ଉଭୟେ କାମ କରୁଥିଲେ। ନଳକୂପ ଖୋଳୁଥିବା ସମୟରେ ହାଇ ଭଲଟେଜ. ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗତ ୨୩ ତାରିଖରେ ଉଭୟଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ୨୫ ତାରିଖରେ ସୁନାଧାର ଓ ଭୀଷ୍ମଙ୍କ ମୃତଦେହ ଏକ ଆମ୍ବୁଲାନ୍ସରେ ଝଡ଼ଙ୍ଗା ଓ ମୁଣ୍ଡିଗୁଡାରେ ପହଞ୍ଚିବା ପରେ ମୃତଦେହ ସତ୍କାର କରାଯାଇଥିଲା। ତେବେ ,ହି ଗରିବ ଆଦିବାସୀ ଯୁବକଙ୍କ ଅକାଳ ମୃତ୍ୟୁରଇତି ମଧ୍ୟରେ ୧୦ ଦିନ ବିତିଯାଇଥିଲେ ସୁଦ୍ଧା ସେମାନଙ୍କ ପରିବାର ନିକଟରେ କୁନ୍ଦୁରା ବ୍ଲକ ପ୍ରଶାସନ କିମ୍ବା ତହସିଲ ପ୍ରଶାସନ ପହଞ୍ଚିନାହିଁ। ସେମାନଙ୍କ ପରିବାର ନିକଟରେ କୌଣସି ସହାୟତା ରାଶି ପହଞ୍ଚି ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏମାନଙ୍କ ପରିବାର ନିକଟରେ ସାଥୀ ସଙ୍ଗଠନର ସଦସ୍ୟମାନେ ଆସି ପହଞ୍ଚିଥିଲେ ମଧ୍ୟ ଏଯାଏ କୌଣସି ଜନ ପ୍ରତିନିଧିଙ୍କର ଦେଖାନାହିଁ। କୁନ୍ଦୁରା ବ୍ଲକରେ ଗତ ଏକ ବର୍ଷ ମଧ୍ୟରେ ପ୍ରାୟ ୬ରୁ ଊର୍ଦ୍ଧ୍ୱ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ସେମାନଙ୍କ ପରିବାର ନିକଟରେ କିଛି ସହାୟତା ଏଯାଏ ପହଞ୍ଚିନାହିଁ। ବ୍ଲକରେ ଏମ୍‌ଜିଏନଆରଇଜିଏସ୍‌ରେ ଯାହା କାମ ହେଉଛି ସବୁ ମେଶିନ ଦ୍ୱାରା ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ମୃତ ଦୁଇ ଶ୍ରମିକ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଡ୍ରାଇଭର ଦିବସ ଅବସରରେ ଶୋଭାଯାତ୍ରା

ଜୟପୁର,୧୯ (ପବନ ପାଣିଗ୍ରାହୀ)

ଡ୍ରାଇଭର ଦିବସ ଅବସରରେ ଜୟପୁରରେ ଡ୍ରାଇଭରଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଓଡିଶା ଡ୍ରାଇଭର ମହାସଂଘର ଜୟପୁର ୟୁନିଟ ପକ୍ଷରୁ ଏହି ଶୋଭାଯାତ୍ରା ହୋଇଥିଲା। ଜୟପୁର ରଜାନହର ଛକଠାରୁ ଏହି ଶୋଭାଯତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଟ୍ରାଫିକ ଛକଠାରେ ଶେଷ ହୋଇଥିଲା। ଜୟପୁର ସଭାପତି ଧନୁ ବେହେରା, ଉପ ସଭାପତି ଜଗା ବାଦାମ, ମହାସଂଘର ରାମକୃଷ୍ଣ ମିଶ୍ର ଏହାର ନେତୃତ୍ୱ ନେଇଥିଲେ। ଶତାଧିକ ଡ୍ରାଇଭର ଏଥିରେ ସାମିଲ ହୋଇଥିଲେ।



ବାହାରିଥିବା ଡ୍ରାଇଭରଙ୍କ ଶୋଭାଯାତ୍ରା।

# ଅଚଳ ହୋଇପଡ଼ିଛି ଟ୍ରାଫିକ ସିଗ୍‌ନାଲ

ସୁନାବେଡ଼ା, ୧୯(କୃତ୍ତିବାସ ପ୍ରଧାନ)

ହାଲ୍ ପ୍ରଶାସନ ସହାୟତାରେ ୨୦୧୬ରେ ପ୍ରାୟ ୩୨ଲକ୍ଷ ଟଙ୍କା ବ୍ୟୟରେ ପୌର ପରିଷଦ କାର୍ଯ୍ୟାଳୟ (ପୂର୍ବର ଏନ୍‌ଏସି) ଛକ ଓ ସେମିଳିଗୁଡ଼ା ଟ୍ରାଫିକ ଛକରେ ଟ୍ରାଫିକ ସିଗ୍‌ନାଲ ବ୍ୟବସ୍ଥା ହୋଇଥିଲା। ଏହା ଏବେ ଅଚଳ ହୋଇପଡ଼ିଛି। ଚାରିଛକ ବିଶିଷ୍ଟ ଏହି ଛକର ଗୋଟିଏ ପଟ ୨୬ ନଂ. ଜାତୀୟ ରାଜପଥ ଥିବା ବେଳେ ହାଲ୍ ଟାଉନଶିପରୁ ସୁନାବେଡ଼ା ଯିବା ରାସ୍ତାକୁ ଏହି ଛକରେ ଦୁଇଭାଗ କରିଛି। ଦୀର୍ଘ ୩ମାସରୁ ଊର୍ଦ୍ଧ୍ୱ ହେବ ଏହି ସିଗ୍‌ନାଲ ପଏଣ୍ଟ ଅଚଳ ହୋଇପଡ଼ିଥିଲେ ମଧ୍ୟ ଏଥିପ୍ରତି ହାଲ୍ ପ୍ରଶାସନ କି ପୌର ପ୍ରଶାସନ ଦୃଷ୍ଟି ଦେଉନାହିଁ। ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସିଗ୍‌ନାଲ ପଏଣ୍ଟ ଅଚଳ ହେତୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ପୌର ପ୍ରଶାସନ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିଲେ ମଧ୍ୟ ପୌର ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ପ୍ରତ୍ୟହ ଉକ୍ତ ରାସ୍ତା ଦେଇ ପୌରାଧିକାରୀ ଏବଂ ପ୍ରଶାସନିକ ଅଧିକାରୀମାନେ ଯାତାୟାତ କରୁଥିଲେ ମଧ୍ୟ ସିଗ୍‌ନାଲ ପଏଣ୍ଟ ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଶୀଘ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।



# ପଞ୍ଚାୟତକୁ ଆସି ନିରାଶ ହୋଇ ଫେରୁଛନ୍ତି ଲୋକେ

**ଧାରଣାରେ ପିଇଓ, ଯୋଗାଣ ସହାୟକ**

କୁନ୍ଦୁରା,୧୯ (ସନ୍ତୋଷ ପ୍ରହରାଜ)



ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ନିରାଶରେ ଫେରୁଥିବା ଶ୍ରମିକମାନେ।

ରାଜ୍ୟରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ)ମାନେ ବିଭିନ୍ନ ଦାବି ନେଇ ୧୫ ଦିନ ହେବ ଆନ୍ଦୋଳନ ଚଳାଇଛନ୍ତି। କିଛି ଦିନ ହେବ ବିଭିନ୍ନ ଦାବି ନେଇ ଯୋଗାଣ ସହାୟକମାନେ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ଗ୍ରାମ ପଞ୍ଚାୟତ ଅଧୀନରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏକ ପ୍ରକାର ବନ୍ଦ ହୋଇଯାଇଛି। ଖାଉଟି ସାମଗ୍ରୀ ବଣ୍ଟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପଞ୍ଚାୟତକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକେ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ଦୀର୍ଘବର୍ଷ ଧରି ବିଭିନ୍ନ ବିଭାଗରେ କାର୍ଯ୍ୟ କରି ହିତାଧିକାରୀଙ୍କୁ ସେବା ଯୋଗାଇ ଆସୁଥିଲେ ସୁଦ୍ଧା ଦିନ ମଜୁରିଆଙ୍କ ଭଳି ସେମାନଙ୍କୁ ପାରିଶ୍ରମିକ ମିଳୁଥିବା ଯୋଗାଣ ସହାୟକ ସଂଘ ସଭାପତି ବି.ସନ୍ତୋଷ କୁମାର କହିଛନ୍ତି। ଯୋଗାଣ ସହାୟକମାନେ ସେମାନଙ୍କ ବିଭିନ୍ନ ଦାବି ସମାଧାନ ନେଇ ବିଭିନ୍ନ ସମୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ଏବେ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୨୦୧୨ରୁ ଯୋଗାଣ ସହାୟକମାନେ କେବଳ ଖାଉଟି ସାମଗ୍ରୀ ବଣ୍ଟନ ନିମନ୍ତେ ନିଯୁକ୍ତ ହୋଇଥିବା ସଂଘ ପ୍ରକାଶ କରିଛି। ତେବେ ସେମାନଙ୍କ ପଞ୍ଚାୟତର ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଉଛି। ସେମାନେ ସୁଚାରୁରୂପେ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ମିଳୁନାହିଁ ବୋଲି ଯୋଗାଣ ସହାୟକମାନେ ପଞ୍ଚାୟତିରାଜ ସଚିବଙ୍କୁ ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିପ୍ରତି ସରକାର ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଯୁକ୍ତ ୨ ଆଲୁମିନା ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ପୁସ୍ତକ ଦାନ

ଦାମନଯୋଡ଼ି, (ରାଧାକାନ୍ତ ବ୍ରହ୍ମା)- ଦାମନଯୋଡ଼ିର ଭେଜାପୁଟରେ ଚଳିତ ବର୍ଷ ନୂତନ ଭାବେ ଖୋଲାଯାଇଥିବା ଏସ୍‌ପିଏ ଯୁକ୍ତ ୨ ଆଲୁମିନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ସୁଶୀଳା ପାଢ଼ୀ ୧୦ଟି ପାଠ୍ୟପୁସ୍ତକ ଥିବା ସେଟ୍ ଓଡ଼ିଆ, ଇଂରାଜୀ,ଇତିହାସ, ଶିକ୍ଷା,ରାଜନୀତି ବିଜ୍ଞାନ, ସାମାଜିକ ବିଜ୍ଞାନ, ଆଇଟି ପୁସ୍ତକ ଯୋଗାଇ ଦେଇଛନ୍ତି। ସେ ଅଧକ୍ଷ ହେମନ୍ତ ପାତ୍ରଙ୍କୁ ଏହା ପ୍ରଦାନ କରିଥିଲେ। ଏହି ସମୟରେ ପଟ୍ଟାଙ୍ଗି ବିଧାୟକ ପିତମ୍ ପାଢ଼ୀ, ଅନନ୍ତରାମ ମଟାମ, ଭବାନୀ ଶଙ୍କର ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହା ଗରିବ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବେଶ୍ ସହାୟକ ହେବ ବୋଲି ଅଧକ୍ଷ ପାତ୍ର କହିଛନ୍ତି।

## ସଂକ୍ଷେପରେ

### ଟ୍ରକ୍ ଚାପାରେ ଜଣେ ଗୁରୁତର

ମଇଦଲପୁର, ୧୯, (ସଦାଶିବ ଦାସ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ଦେଇ ଯାଇଥିବା ଜାତୀୟ ରାଜପଥ ୨୬ର ପୁରୁଣା ଥାନା ସମ୍ମୁଖରେ ଶୁକ୍ରବାର ଟ୍ରକ୍ ଚାପାରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ, ସାନବାର୍ଲି ପଞ୍ଚାୟତ ନୂଆଗୁଡ଼ାର ପତି ଯାନୀ (୫୦) କୌଣସି କାମରେ ମଇଦଲପୁରକୁ ଆସିଥିଲେ। ରାସ୍ତା ପାରିହେବା ସମୟରେ ଭବାନୀପାଟଣାରୁ ବିଶାଖାପାଟଣା ଯାଉଥିବା ଏକ ଟ୍ରକ୍ (ଟିଏନ୍-୫୨ଏବି-୨୨୩୬) ପତି ଯାନୀଙ୍କ ବାମ ଗୋଡ଼ ଉପରେ ଚଢ଼ିଯାଇଥିଲା। ମଇଦଲପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଯୁବକଙ୍କ ସହାୟତାରେ ପୋଲିସ ଗାଡ଼ିରେ ପାପଡାହାଣ୍ଡି ଡାକ୍ତରଖାନାକୁ ନେଇଥିଲେ। ପତିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ତାଙ୍କୁ କୋରାପୁଟ ମେଡିକାଲକୁ ପଠାଯାଇଥିବା ସୂଚନା ମିଳିଛି। ପୋଲିସ ଟ୍ରକ୍ ଜବତକରି ତଦନ୍ତ ଜାରି ରଖିଛି ବୋଲି ଥାନାଧିକାରୀ ନଟବର ନନ୍ଦ ସୂଚନା ଦେଇଛନ୍ତି।

### ଶୋଭାଯାତ୍ରାରେ ସହର ପରିକ୍ରମା କଲେ ଡ୍ରାଇଭର

ଡାବୁଗାଁ, ୧୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ଓଡ଼ିଶା ଡ୍ରାଇଭର ମହାସଂଘର ଡ୍ରାଇଭର ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଡାବୁଗାଁ ଶାଖାର ସମସ୍ତ ସଭ୍ୟ ସ୍ଥାନୀୟ ଟ୍ୟାକ୍ସି ଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ସହ ଏକ ସଭା କରିଥିଲେ। ସଭା ଶେଷରେ ସମସ୍ତ ଡ୍ରାଇଭର ଶପଥ ନେଇଥିଲେ। ଏଥିରେ ଓଡ଼ିଶା ଡ୍ରାଇଭର ମହାସଂଘ ଡାବୁଗାଁ ବ୍ଲକ ସଭାପତି ସନ୍ତୋଷ ଭତ୍ରା, ଉପସଭାପତି ଦିଲୀପ ନାୟକ, ସମ୍ପାଦକ ଅମିର ଅଲ୍ଲୀ ଖାନ, ସହସମ୍ପାଦକ ବିଶ୍ୱଜିତ ବୈଠାରୁ, କୋଷାଧ୍ୟକ୍ଷ ଉମାକାନ୍ତ ପାତ୍ର, ପି. ଭୈରବ ରାଓ, ମୋହନ ତିଳକ, ଡମ୍ବରୁ ନାୟକ, ଧନୀ ବିଷୋୟୀ, ତ୍ରିନାଥ ଷଡଙ୍ଗୀ, ମନୋଜ ନାୟକ, ରାମକୃଷ୍ଣ ହରିଜନ, ମାଣିକଚନ୍ଦ୍ର ମାଝି, ଦୟାବାନ ଭତ୍ରାଙ୍କ ସମେତ ବହୁ ସଂଖ୍ୟାରେ ଡ୍ରାଇଭରମାନେ ଯୋଗ ଦେଇଥିଲେ।

### ଶର୍ଟସର୍କିଟରୁ ଜଳିଗଲା ଘର



ନନ୍ଦାହାଣ୍ଡି,୧୯(ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ପଡ଼ାଲଗୁଡା ପଞ୍ଚାୟତ ଅଧୀନ ପୁରୁଣାପାଣିଗୁଡ଼ାର ଆଦିବାସୀ କୋଲନୀରେ ସୁନ୍ଦରୀ ସୁନାଙ୍କ ଘରେ ନିଆଁ ଲାଗି ଯାଇଛି। ଘରର ଆସବାପତ୍ର, ୩୦୦୦ ଟଙ୍କା, ଜମି ପଟ୍ଟା, ପେନସନ ଖାତା, ଟିଭି, କୁଲର ଆଦି ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି। ଅଗ୍ନିଶମ ବାହିନୀ ଆସିବା ପୂର୍ବରୁ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିପାରିଥିଲେ ମଧ୍ୟ ଘରେ ଥିବା ବହୁ ମୂଲ୍ୟବାନ ଜିନିଷ ନଷ୍ଟ ହୋଇ ଯାଇଛି। ସୂଚନା ପ୍ରକାରେ ଦିନ ୧୧ଟାରେ ସର୍ଟ ସର୍କିଟରୁ ଘରେ ନିଆଁ ଲାଗିଥିବା ଦେଖି ସୁନ୍ଦରୀ ଗ୍ରାମବାସୀଙ୍କୁ ଡାକିଥିଲେ। କିଛି ବର୍ଷ ପୂର୍ବେ ସୁନ୍ଦରୀଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିଲା। ଏବେ ସେ ଝିଅ ଏବଂ ୩ ନାତି ନାତୁଣୀଙ୍କ ସହ ରହୁଛନ୍ତି। ଘର ଜଳି ଯାଇଥିବାରୁ ପରିବାର ଲୋକେ ଚିନ୍ତାରେ ଅଛନ୍ତି।

### ମହିମା ଧର୍ମାବଲମ୍ବୀଙ୍କ ନବାନ୍ନ ଭକ୍ଷଣ କାର୍ଯ୍ୟକ୍ରମ

ଉମରକୋଟ, ୧୯(ସନ୍ତୋଷ ଶତପଥୀ)

ଉମରକୋଟ ପୋଡ଼ାଗଡରେ ମହିମା ଧର୍ମାବଲମ୍ବୀଙ୍କ ନବାନ୍ନ ଭକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ିଶା ଓ ଛତିଶଗଡରୁ ୫ହଜାରରୁ ଅଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ପୋଡ଼ାଗଡ ସେବାୟତ ଚାରିଟେବୁଲ ଟ୍ରଷ୍ଟ ସଭାପତି ଉର୍ଦ୍ଧ୍ୱ ଚରଣ ନାୟକ, ମହିମା ସେବା ସଂଘ ଉପଦେଷ୍ଟା ଶରତ ଚନ୍ଦ୍ର ପାଣିଗ୍ରାହୀ, ଧୋଡ୍ରା ମହିମା କଲେଜ ସମ୍ପାଦକ ଭାଗିରଥି ନାୟକ, ବିଧାୟକ ପ୍ରତିନିଧି ସଞ୍ଜୟ ଗୁପ୍ତା ଓ ଟଙ୍କଧର ଗୌଡ, ରମେଶ ସତନାମୀ ପ୍ରମୁଖ ଉପସ୍ଥିତ ଥିଲେ। ଅବଧୂତ ଇନ୍ଦ୍ର ବାବା ଓ ପ୍ରକାଶ ଚନ୍ଦ୍ର ଦାସ ବାବା ଯଜ୍ଞ ପରିଚାଳନା କରିଥିଲେ।

# ବିଡିଓଙ୍କୁ ତାଲା ପକାଇ ବ୍ଲକ ଅଫିସ ଆଗରେ ଧାରଣା

ଝରିଗାଁ,୧୯(କିଶୋର ଚନ୍ଦ୍ର ମଣ୍ଡଳ)



ଝରିଗାଁ ବ୍ଲକ କଂଗ୍ରେସ କର୍ମୀମାନେ ଧାରଣା ଦେଉଛନ୍ତି।

ବ୍ଲକରେ କୌଣସି କାର୍ଯ୍ୟ ନ ହୋଇ ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗ କରି ଶୁକ୍ରବାର ଝରିଗାଁ ବ୍ଲକ କଂଗ୍ରେସ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏକାଧିକ ଦୁର୍ନୀତି ହୋଇଥିବା ନେଇ ଚିଠା ପ୍ରସ୍ତୁତ କରି ବ୍ଲକ କଂଗ୍ରେସ କର୍ମୀ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ଘଣ୍ଟା ହେବ ଅପେକ୍ଷା କରିଥିଲେ। କୌଣସି କର୍ମଚାରୀ ଆଲୋଚନା ପାଇଁ ନ ଆସିବାରୁ ବ୍ଲକ କଂଗ୍ରେସ କର୍ମୀ ଝରିଗାଁ ବିଡିଓଙ୍କ କାର୍ଯ୍ୟାଳୟକୁ ତାଲା ପକାଇ ଧାରଣା ଦେଇଥିଲେ। ଅଭିଯୋଗ ଆଣିଥିବା କାମର ଉତ୍ତର ନ ମିଳିବା ପର୍ଯ୍ୟନ୍ତ ଧାରଣାରୁ ଉଠିବେ ନାହିଁ ବୋଲି କଂଗ୍ରେସ କର୍ମୀମାନେ କହିଛନ୍ତି।

ଝରୀଗାଁ ପଞ୍ଚାୟତରେ ୧୦, ଗୁରୁସିଂଘାରେ ୨୦, କୁଚ୍ରିଛାପରରେ ୨୦ ଏବଂ ବାଣୁଆଗୁଡ଼ା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ଏସ୍‌ଏଫ୍‌ସି ବାବଦକୁ ଆସିଥିବା ଲକ୍ଷାଧିକ ଟଙ୍କା ହଡ଼ପ ହୋଇଛି ବୋଲି ଏଆଇସିସି ସଂଯୋଜିକା ହାରାବତୀ ଗଣ୍ଡ, ବ୍ଲକ କଂଗ୍ରେସ ସଭାପତି ତମ୍ଭୁଦାସ ପନକା, କାଳୀପ୍ରସାଦ ଦାସ, ଦୁର୍ଯ୍ୟୋ କଳାର, ମଦନ ପୂଜାରୀ, ଅର୍ଜୁନ ସମରଥ, ସୁବାସ ସାଗର, ମେଣ୍ଟି ହରିଜନ, ପାଳିଆ ସରପଞ୍ଚ ରାଧା ସାନ୍ତା, ଅମର ସିଂ ମାଝି, ସୋବା ଲହରା ପ୍ରମୁଖ ଅଭିଯୋଗ କରିଛନ୍ତି। ଅନେକ ରାସ୍ତା ନିର୍ମାଣ ହୋଇଥିବା ନେଇ ତାଲିକାରେ ରହିଛି କିନ୍ତୁ ସେହି ରାସ୍ତାର ଚିହ୍ନବର୍ଣ୍ଣ ନାହିଁ। ୨୦୨୧-୨୨ ଇମ୍ପ୍ରୁଭମେଣ୍ଟ ରୋଡ ସି ଓ ଡି ୱାର୍କ ଝରିଗାଁ ପୂର୍ଣ୍ଣବନ୍ଧରୁ ଉଦ୍ଧିଆପଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଦେଖାଇ କାର୍ଯ୍ୟ ନ କରି ଟଙ୍କା ଆତ୍ମସାତ କରାଯାଇଥିବା କଂଗ୍ରେସ ଅଭିଯୋଗ କରିଛି। କରୋନା ସମୟରେ ମଧ୍ୟ କୋଟିକୋଟି ଟଙ୍କା କାର୍ଯ୍ୟ ନ କରି ଆତ୍ମସାତ କରାଯାଇଥିବା କଂଗ୍ରେସ ଅଭିଯୋଗ ଆଣିଛି। ବିଡିଓ ଅଭିଯୋଗକୁ ନେଇ କୌଣସି ପ୍ରତିକ୍ରିୟା ଦେଉ ନାହାନ୍ତି। ଜିଲାପାଳଙ୍କୁ ଫୋନଯୋଗେ ଅବଗତ କରାଇଥିଲେ ମଧ୍ୟ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ଅଧିକାରୀଙ୍କ ଦେଖା ମିଳିନଥିଲା ବୋଲି ହାରାବତୀ ଅଭିଯୋଗ କରିଛନ୍ତି। ଦୁର୍ନୀତିକୁ ଘଣ୍ଟ ଘୋଡାଉଥିବା ପ୍ରୟାସ କରାଯାଉଥିବା କହିଛନ୍ତି ବ୍ଲକ କଂଗ୍ରେସ ସଭାପତି ତମ୍ଭୁଦାସ ପନକା କହିଛନ୍ତି। ଦୁର୍ନୀତିର ପର୍ଦ୍ଦାଫାଶ ନ ହେବା ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଜାରି ରଖିବାକୁ ବ୍ଲକ୍ କଂଗ୍ରେସ ଚେତାବନୀ ଦେଇଛି। କରୋନା ଠିକାଦାର, ସରକାରୀ ଦଳର ମୁଷ୍ଟିମେୟ ନେତା ଓ ମନ୍ତ୍ରୀ ଙ୍କ ମଧୁଚନ୍ଦ୍ରିକାରେ କୋଟି କୋଟି ଟଙ୍କା ହଡ଼ପ କରି ଚାଲିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟରେ କଂଗ୍ରେସ ଦଳ ଧାରଣାରେ ବସିଛନ୍ତି।

# ଯୁବଗୋଷ୍ଠୀଙ୍କୁ ନିଯୁକ୍ତିଭିତ୍ତିକ ଶିକ୍ଷା ପ୍ରତି ସଚେତନ କରିବାକୁ ପରାମର୍ଶ

ନବରଙ୍ଗପୁର, ୧୯(ସଦାଶିବ ପ୍ରହରାଜ)

## ଜିଲା ଦକ୍ଷତା କମିଟି ବୈଠକ

ଜିଲା ନିୟୋଜନ ବିଭାଗ ପକ୍ଷରୁ ସ୍ଥାନୀୟ ପଞ୍ଚାୟତ ସାଧନ କେନ୍ଦ୍ର ସଭାଗୃହରେ ଜିଲାପାଳ ଡ. କମଳଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲା ଦକ୍ଷତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ଶିକ୍ଷିତ ଯୁବତୀଯୁବକ କିପରି ନିଯୁକ୍ତିଭିତ୍ତିକ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶକରି ତାଲିମ ନେଇ ରୋଜଗାରକ୍ଷମ ହୋଇପାରିବେ ସେ ସମ୍ପର୍କରେ ସଚେତନ କରିବା ନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

ଜିଲାର ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକରେ ବର୍ତ୍ତମାନ ଅଧିକ ସଂଖ୍ୟାରେ ଝିଅ ତାଲିମ ପାଇଁ ଯୋଗଦେଇଥିବାରୁ ଜିଲାପାଳ ପ୍ରଶଂସା କରିଥିଲେ। ଜିଲାରେ ବିଭିନ୍ନ ପ୍ରକାର ନିଯୁକ୍ତିଭିତ୍ତିକ ତାଲିମ କେନ୍ଦ୍ର କିପରି ଶୀଘ୍ର ଚାଲିପାରିବ ଏବଂ କେଉଁ ତାଲିମ ଦିଆଯାଇ ପିଲାଙ୍କୁ ନିଯୁକ୍ତି ପାଇବାରେ ସକ୍ଷମ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜେଲ ଅନ୍ତେବାସୀ, ଟ୍ରାନ୍ସଜେଣ୍ଡର ଓ ଅନ୍ୟ ଦୁର୍ଲଭ ଗୋଷ୍ଠୀଙ୍କର ତାଲିମ ପାଇଁ ଏସ୍‌ବିଆଇ-ଆର୍‌ଏସ୍‌ଇଟିଆଇକୁ ଦାୟିତ୍ୱ ଦିଆଯାଇଛି। +୨ ଓ +୩ କଳା ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ଦକ୍ଷତା ବିକାଶମୂଳକ ତାଲିମ ପ୍ରଦାନ ପାଇଁ କମିଟି ଗଠନ କରି କେଉଁ ବିଷୟରେ ତାଲିମ ଦିଆଯିବ ସେ ସମ୍ପର୍କରେ ନିଷ୍ପତ୍ତି ନେବାକୁ ଜିଲା ନିୟୋଜନ ଅଧିକାରୀ ଆନନ୍ଦ ଚନ୍ଦ୍ର ପଲେଇଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ କର୍ମନିୟୋଜନ ସମ୍ବନ୍ଧରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲା ନିଯୋଜନ ଅଧିକାରୀ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଇଟିଡିଏ ପିଏ ରାଜୀବ ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଡିଆଇପିଆର୍‌ଓ ହଳଧର ନିଆଲ, ଜିଲା ସମାଜ ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲାକା, ଜିଲାର ବୈଷୟିକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ଫୁଟ୍‌ପାଥ୍‌ରୁ ଦୋକାନ ଉଚ୍ଛେଦ



ବସ୍‌ଷ୍ଟାଣ୍ଡ ଛକରେ ଦୋକାନୀମାନେ ପ୍ରତିବାଦ କରୁଛନ୍ତି।

ପାପଡ଼ାହାଣ୍ଡି,୧୯ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସଦର ମହାକୁମାରେ ଶୁକ୍ରବାର ପ୍ରଶାସନ ଫୁଟ୍‌ପାଥ୍ ଦୋକାନୀଙ୍କୁ ଉଚ୍ଛେଦ କରିଛି। ମାଜିଷ୍ଟ୍ରେଟ ତଥା ତହସିଲଦାର ଯୋଗେଶ୍ୱର ଭୋଇଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ ପ୍ରକ୍ରିୟା କରାଯାଇଛି। କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ପୋଲିସ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି।

ସୂଚନାନୁଯାୟୀ, ବସ୍‌ଷ୍ଟାଣ୍ଡ ଚାରିଛକ ସହ ସହର ମଧ୍ୟରେ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ଉଭୟ କଡ଼ର ଦୋକାନ ଓ ଫୁଟ୍‌ପାଥ୍ ଅବରୋଧ କରୁଥିବା ଦୋକାନଗୁଡ଼ିକୁ ହଟାଯାଇଥିଲା। ଫୁଟ୍‌ପାଥ୍ ଅବରୋଧ ସହ ଦୋକନ ହେବା ଯୋଗୁ ଟ୍ରାଫିକ ସମସ୍ୟା ଲାଗି ରହୁଥିଲା। ଏହାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିଲା। ଉଚ୍ଛେଦ ସମୟରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଛକର କେତେଜଣ ଦୋକାନୀ ଏହାକୁ ପ୍ରତିବାଦ କରିଥିଲେ। ବିନା ସୂଚନାରେ ସେମାନଙ୍କୁ ହଟାଯାଉଥିବା ନେଇ ଅସନ୍ତୋଷ ଜାହିର କରିଥିଲେ।

# ମୂର୍ତ୍ତୁମା ପଞ୍ଚାୟତ କାର୍ଯ୍ୟାଳୟ ଘେରିଲା ଭାଜପା

ଉମରକୋଟ, ୧୯(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ମୂର୍ତ୍ତୁମା ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ଭାଜପା ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଛି। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ନେତୃତ୍ୱରେ କର୍ମୀମାନେ କାର୍ଯ୍ୟାଳୟ ଘେରାଉ କରିବା ସହ ୭ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ବିଭିନ୍ନ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ, ଏମ୍‌ଜିଏନ୍‌ଆର୍‌ଜିଏସ୍ କାର୍ଯ୍ୟ ମେସିନ୍‌ରେ କରାଯାଉଥିବା, କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ମିଶନ ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି, କିନ୍ତୁ ରାଜ୍ୟ ସରକାର ଏହାକୁ ବସୁଧା ଯୋଜନା ନାମରେ ହାଇଜାକ୍ କରିବା ନେଇ ଭାଜପା ଅଭିଯୋଗ କରିଛି। ବହୁତ ସ୍ଥାନରେ ଜଳଯୋଗାଣ ବ୍ୟାଘାତ ହୋଇଥିବା, ପ୍ରଧାନମନ୍ତ୍ରୀ ଆବାସ ଗୃହ ବଣ୍ଟନରେ ଦୁର୍ନୀତି, ଘର ଯୋଗାଇବାକୁ ଲାଞ୍ଚ ମଗା ଯାଉଥିବା ଓ ପ୍ରକୃତ ହିତାଧିକାରୀ ଏଥିରୁ ବାଦ୍ ପଡୁଥିବା, କେନ୍ଦ୍ର ସରକାରଙ୍କ ଗୃହାଳ ଘର ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ ଯୋଗ୍ୟ ହିତାଧୀକାରୀଙ୍କୁ ବିଧବା ଭତା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବୀ ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ଭାଜପା ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନବେଳେ ଭାଜପା ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ସମିତି ସଭ୍ୟ ସନ୍ତୋଷ ରାୟ, ବିଶ୍ୱନାଥ ବିଶ୍ୱାସ, ସାଧାରଣ ସମ୍ପାଦକ ଦିନେଶ ବିଶ୍ୱାସଙ୍କ ସମେତ ବିଭିନ୍ନ ଯୋଜନାରୁ ବଞ୍ଚିତ ହିତାଧୀକାରୀମାନେ ଉପସ୍ଥିତ ଥିଲେ।



ଭାଜପା ନେତା ଓ କର୍ମୀମାନେ ଦାବିପତ୍ର ଦେଉଛନ୍ତି।

# ଏଲ୍‌ଆଇସିର ପ୍ରତିଷ୍ଠା ଦିବସ ପାଳିତ



ଉମରକୋଟ,୧୯ (ସନ୍ତୋଷ ଶତପଥୀ)

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ଉମରକୋଟ ଶାଖା କାର୍ଯ୍ୟାଳୟରେ ୬୭ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଉମରକୋଟ ଏସ୍‌ଡିପିଓ ମଧୁଶିକ୍ତା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟାଳୟର ନିଷ୍ଠାବାନ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏଲ୍‌ଆଇସି ଅସମୟର ସାଥୀ, ଏହା ଅର୍ଥନୈତିକ ରକ୍ଷା କବଚ ବୋଲି ମୁଖ୍ୟ ଅତିଥି କହିଛନ୍ତି। ଚଳତ ବର୍ଷ ବ୍ରହ୍ମପୁର ଡିଭିଜନରେ ଉମରକୋଟ ସବଡିଭିଜନାଲ କାର୍ଯ୍ୟଳୟ ପ୍ରଥମ ସ୍ଥାନ ରହିବ ବୋଲି ଶାଖା ପରିଚାଳକ ତୁଳସୀ ରାମ ମାଝି କହିଛନ୍ତି। ଉମରକୋଟ କାର୍ଯ୍ୟଳୟର ଡିଓ ଅମିତ ବିଷ୍ଣୁ, ରାଜେଶ ସାହୁ, ସଞ୍ଜୀବ ପରିଡ଼ା, କାହ୍ନୁଚରଣ ପାଣିଗ୍ରାହୀ ଓ ତପନ ପାଲ, ସଞ୍ଜିତ ବିଶ୍ୱାସ, ଏମ୍. ଦିନାଂଶୁ ଆଚାରି, ପତିତପାବନ ରାୟ, ପ୍ରମୋଦ ବିଷୋୟୀ, ତୁଷାରକାନ୍ତି ମଣ୍ଡଳ, କିଶୋର ପାଣିଗ୍ରାହୀ, ଶଙ୍କର ଡାକୁଆ, ରଞ୍ଜିତ ପାଲ, ପ୍ରଭାତ ଦାଶ ପ୍ରମୁଖ ଶତାଧିକ ଏଲ୍‌ଆଇସି ଏଜେଣ୍ଟ ଯୋଗ ଦେଇଥିଲେ।

# ରାଜ୍ୟସ୍ତରୀୟ ଯାଞ୍ଚ କମିଟିର ବିଭିନ୍ନ ଶିଶୁଗୃହ ପରିଦର୍ଶନ



ନବରଙ୍ଗପର,୧୯(ସଦାଶିବ ପ୍ରହରାଜ)

ରାଜ୍ୟସ୍ତରୀୟ ଯାଞ୍ଚ ଦଳ ନବରଙ୍ଗପୁର ଜିଲାର ବିଭିନ୍ନ ଗୃହ ପରିଦର୍ଶନ କରିଛନ୍ତି। ମହିଳା ଓ ଶିଶୁ ବିଭାଗର ନିର୍ଦ୍ଦେଶକ, ଅତିରିକ୍ତ ସଚିବ, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗ ସଦସ୍ୟ, ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମାଜ ସଦସ୍ୟ, ନବରଙ୍ଗପୁର ଜିଲାର ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ଜିଲା ଶିଶୁ ମଙ୍ଗଳ ଅଧିକାରୀ ପ୍ରମୁଖ ଜିଲାର ବିଭିନ୍ନ ଶିଶୁଗୃହ ପରିଦର୍ଶନରେ ଯାଇଥିଲେ। ଏହା କିପରି ଭବିଷ୍ୟତରେ ଆହୁରି ଉନ୍ନତ ହୋଇପାରିବ, ଅସହାୟ ଶିଶୁମାନେ କିପରି ସୁସ୍ଥ ବାତାବରଣରେ ରହିବେ ତାହାର ତଦାରଖ କରିଥିଲେ। ଓଡ଼ିଶା ମହିଳା ଏବଂ ଶିଶୁ ବିଭାଗ ପକ୍ଷରୁ ନବରଙ୍ଗପୁର ଜିଲାରେ ଏକ ଆଦର୍ଶ ଶିଶୁ ଗୃହ ହେବ ପାଇଁ ଅନୁମୋଦନ କରାଯାଇଛି।

# କୂଅରୁ ମିଳିଲା ନାବାଳିକାଙ୍କ ମୃତଦେହ

ରାଇଘର, ୧୯(କିରଣ ପଟ୍ଟନାୟକ)

## ହତ୍ୟା ଅଭିଯୋଗ ଆଣିଲା ପରିବାର

ନବରଙ୍ଗପୁର ଜିଲା ରାଇଘର ଥାନା ଅଧୀନ ନୂଆପାରା ଖୁଟୁଗାଁ ଗ୍ରାମ ମଝିରେ ମକା ଜମି ନିକଟରେ ଥିବା କୂଅରୁ ଶୁକ୍ରବାର ଜଣେ ନାବାଳିକାଙ୍କ ମୃତଦେହ ମିଳିଛି। ମୃତକଙ୍କ ପରିବାର ଲୋକେ ଝିଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ମୃତକ ହେଲେ ରାଇଘର ପଞ୍ଚାୟତ ଖୁଟୁଗାଁ ଗ୍ରାମର ଆଶାରାମ ଗଣ୍ଡଙ୍କ ଝିଅ ଝରଣା (୧୭)। ଗତ ୩୦ ତାରିଖ ସନ୍ଧ୍ୟାରେ ଝରଣା ଘରୁ ବାହାରିଥିଲେ। ଏହାପରେ ସେ ଆଉ ଘରକୁ ଫେରି ନ ଥିଲେ। ବାପା ଆଶାରାମ ଓ ତାଙ୍କ ପରିବାର ଲୋକେ ଗୁରୁବାର ବହୁତ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ଶୁକ୍ରବାର ଥାନାରେ ଏତଲା ଦେବାକୁ ପରିବାର ଲୋକେ ନିଷ୍ପତ୍ତି ନେଇଥିଲେ। ସକାଳେ ଘାସ କଟିବାକୁ ଯାଇଥିବାବେଳେ କେତେଜଣ ଲୋକ କୂଅ ଭିତରେ ମୃତଦେହ ପଡ଼ିଥିବା ଦେଖି ରାଇଘର ଥାନାକୁ ଖବର ଦେଇଥିଲେ। ରାଇଘର ଥାନାଧିକାରୀ ରଘୁନାଥ ମାଝି ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ ସହାୟତାରେ ମୃତଦେହ ବାହାର କରିଥିଲେ। ମୃତଦେହ ଝରଣାଙ୍କର ବୋଲି ଜଣାପଡ଼ିଥିଲା। ମୃତକଙ୍କ ବାପା ଆଶାରାମ ରାଇଘର ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ରାଇଘର ପୋଲିସ କେସ୍ ନଂ. ୧୪୬/୨୩ରେ ମାମଲା ରୁଜୁ କରିଛି। ଏସ୍‌ଆଇ ମନୋଜ ବେହେରା ଘଟଣାର ତଦନ୍ତ କରୁଛନ୍ତି।

# ଡାବୁଗାଁରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ

ଡାବୁଗାଁ, ୧୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବିଇଓ ଶିବଶଙ୍କର ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଡାବୁଗାଁରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍କୁଲରୁ ଏକ ଶୋଭାଯାତ୍ରାରେ ବାହାରି ସାକ୍ଷରତା ସଚେତନତା ଉପରେ ବିଭିନ୍ନ ସ୍ଲୋଗାନ ଦେଇ ଡାବୁଗାଁ ବଜାର ପରିକ୍ରମାକରି ବିଦ୍ୟାଳୟରେ ପହଞ୍ଚିଥିଲେ। ୧୫ରୁ ୩୫ ବର୍ଷ ବୟସର ସମସ୍ତ ମହିଳା ଓ ପୁରୁଷଙ୍କୁ ସାକ୍ଷର କରିବା ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ସେପ୍ଟେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ସାକ୍ଷରତା ସପ୍ତାହ ପାଳନ ଓ ୮ ତାରିଖରେ ବିଶ୍ୱ ସାକ୍ଷରତା ଦିବସ ପାଳନ କରାଯିବ। କାର୍ଯ୍ୟକ୍ରମରେ ଏବିଇଓ ଦେବରାଜ ଗୋପାଳ ଓ ସନ୍ତୋଷ ସାହୁ, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଭଗବାନ ମାଝି, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଧନଞ୍ଜୟ ବଡ଼ଜେନା ଓ ପ୍ରସନ୍ନ ଦଣ୍ଡସେନା, ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାସ ଚନ୍ଦ୍ର ରାୟ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।




ଛାତ୍ରୀଛାତ୍ର, ଅଧିକାରୀ ଓ ଶିକ୍ଷୟିତ୍ରୀ ଶିକ୍ଷକ ଶୋଭାଯାତ୍ରାରେ ବାହାରୁଛନ୍ତି।

# ମୁକ୍ତାକାଶ ବ୍ୟାୟାମଶାଳା, ପାର୍କ ଉଦ୍‌ଘାଟିତ

ନବରଙ୍ଗପୁର,୧୯(ସଦାଶିବ ପ୍ରହରାଜ)




ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

## ନବରଙ୍ଗପୁରରେ ସ୍ୱାୟତ୍ତ ଶାସନ

ନବରଙ୍ଗପୁର ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଛି। ଗୁରୁବାର ସକାଳ ୯ଟାରେ ପୌର କାର୍ଯ୍ୟାଳୟରେ ପୌରାଧ୍ୟକ୍ଷ କୁନୁ ନାୟକ ପତାକା ଉତ୍ତୋଳନ କରିଥିଲେ। ପୌରପାଳିକା ପକ୍ଷରୁ ୱାର୍ଡ ନଂ. ୧୫ ସ୍ଥିତ ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ବାଜିଙ୍କ ପ୍ରତିମୂର୍ତ୍ତି ନିକଟରେ ମୁକ୍ତାକାଶ ବ୍ୟାୟାମଶାଳା, ଲୁ ଏବଂ ୱାର୍ଡ ନଂ .୧୬ସ୍ଥିତ ମୋତ୍ରୀ ବିହାରରେ ବୁଦ୍ଧ ପାର୍କ ଓ ମହମ୍ମଦ ବାଜି ପାର୍କକୁ ଉଦ୍‌ଘାଟନ କରାଯାଇଛି। ଏହି ସମୟରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ପୌରାଧ୍ୟକ୍ଷ କୁନୁ ନାୟକ, ଜିଲାପାଳ ଡ. କମଳ ଲୋଚନ ମିଶ୍ର, ଉପାଧ୍ୟକ୍ଷା ସୌମ୍ୟା ମହାପାତ୍ର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, କାଉନସିଲର ଅମିତ ପ୍ରଧାନ, ସମେଶ ଖରା, ଏ. ସତୀଶ, ନଗେନ୍ଦ୍ର ପଟ୍ଟନାୟକ, ପି. କେଶବ ରାଜୁ ପ୍ରମୁଖ ଯୋଗଦେଇ ପାର୍କଗୁଡ଼ିକୁ ସର୍ବସାଧାରଣଙ୍କ ନିମନ୍ତେ ଲୋକାର୍ପଣ କରିଥିଲେ।

ସନ୍ଧ୍ୟାରେ ସ୍ଥାନୀୟ ଶାସ୍ତ୍ରୀ ଭବନରେ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ପୌରାଧ୍ୟକ୍ଷ କୁନୁ ନାୟକ, ଜିଲାପାଳ କମଳଲୋଚନ ମିଶ୍ର, ତହସିଲଦାର, ଉପାଧ୍ୟକ୍ଷା ପ୍ରମୁଖ ସମ୍ମାନିତ ଅତିଥି ଓ ମୁଖ୍ୟ ବକ୍ତାଭାବେ ବିଜୟ ଚୌଧୁରୀ ଯୋଗଦେଇଥିଲେ। ପୌରପାଳିକା ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଚାଲିଥିବା ବେଳେ ଗ୍ରୀନ୍ ଫିଲ୍ଡ ଯୋଜନାରେ ୧୧ କୋଟି ଅଟକଳରେ ୬୮ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ସରିଯାଇଛି। ପୌରାଞ୍ଚଳର ଦଶହରାପଦା, ଛାତ୍ରବଟ ମଶାଣିର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ମୁଖ୍ୟ ନାଳ ସହ ସହରର ସମସ୍ତ ଛୋଟ ନାଳ ସଂଯୋଗୀକରଣ ପାଇଁ ସର୍ଭେ ଆରମ୍ଭ କରାଯାଇଛି। ୬ କୋଟି ଟଙ୍କା ଅଟକଳରେ ଟେଣ୍ଡର ସରିଯାଇଥିବା ବେଳେ ସ୍ମାର୍ଟ ବସ୍‌ଷ୍ଟାଣ୍ଡ କାର୍ଯ୍ୟ ଆରମ୍ଭ ହେବ। ମୁକ୍ତା ଯୋଜନାରେ ୪ କୋଟି ଟଙ୍କାରେ ସହରରେ ମିନି ପାର୍କ, ମୁକ୍ତ ବ୍ୟାୟାମଶାଳା ଓ ଭେଣ୍ଡିଂ ଜୋନ୍‌ଗୁଡ଼ିକୁ ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ଆରମ୍ଭ କରାଯାଇଛି। ମୋ ପୋଖରୀ ଯୋଜନାରେ ୬ ପୋଖରୀର ଉନ୍ନତୀକରଣ ପାଇଁ ଡିପିଆର୍ କାର୍ଯ୍ୟ ଚାଲୁ ରହିଛି। ନବରଙ୍ଗପୁର ବ୍ଲକର ୬ ରାଜସ୍ୱ ଗ୍ରାମ ପୌରପାଳିକାରେ ସାମିଲ କରିବା ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି ବୋଲି ଅତିଥିମାନେ କହିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। କାଉନସିଲର ଏ. ସତୀଶ, ନଗେନ୍ଦ୍ର ପଟ୍ଟନାୟକ, ପି. କେଶବ ରାଜୁ, ସମେଶ ଖରା, ରାମ ହରିଜନ, ମମତା ମହାରଣା, ରଞ୍ଜିତା ପଣ୍ଡା, ସନ୍ତୋଷୀ ଜାନି, ଗୀତାଞ୍ଜଳି ଯାଦବ, ମୁରୁଲି କ୍ରିଷ୍ଣା, ପୁନାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜ୍ୟୋତି ପରିଚ୍ଛା ପରିଚାଳନା କରିଥିଲେ।

